## ସଂକ୍ଷେପରେ

### ଫାଇଲେରିଆ ନିରାକରଣ ଅଭିଯାନ

ପରଜଙ୍ଗ, ୧୮।୮ (ନିଗମାନନ୍ଦ ଦଳବେହେରା)

ପରଜଙ୍ଗ ବ୍ଲକ ସରାଙ୍ଗସ୍ଥିତ ଇନ୍ଦିରା ଗାନ୍ଧୀ ବୈଷୟିକ ଅନୁଷ୍ଠାନ (ଆଇଜିଆଇଟି)ର ଛାତ୍ରୀଛାତ୍ର ଫାଇଲେରିଆ ନିରାକରଣ ଅଭିଯାନରେ ସାମିଲ ହୋଇଛନ୍ତି। ଅନୁଷ୍ଠାନର ଶିକ୍ଷାର୍ଥୀମାନେ ପଦଯାତ୍ରାରେ ସରାଙ୍ଗ ଗ୍ରାମରେ ବାତଜ୍ୱର ସମ୍ପର୍କିତ ସଚେତନତା ବାର୍ତ୍ତା ବାଣ୍ଟିଥିଲେ। କଲେଜ ନିର୍ଦ୍ଦେଶକ ସତ୍ୟବ୍ରତ ମହନ୍ତ ଏହାର ଶୁଭାରମ୍ଭ କରିଥିବାବେଳେ ଏନ୍‌ସିସି ଅଫିସର ମହେଶ୍ୱର ପ୍ରସାଦ ବେହେରା, ଏନ୍‌ସିସି କ୍ୟାଡେଟ୍ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

### ଆଜିଠାରୁ ମେଘ ଉତ୍ସବ

ଢେଙ୍କାନାଳ, ୧୮।୮ (ରତନ ନାୟାର)

ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ମିଳିତ ଆନୁକୂଲ୍ୟରେ ଢେଙ୍କାନାଳ ଗୋପବନ୍ଧୁ ଟାଉନ ହଲ୍‌ରେ ଶନିବାରଠାରୁ ଆରମ୍ଭ ହେବାକୁ ଯାଉଛି ଦୁଇଦିନିଆ 'ମେଘ ଉତ୍ସବ'। ଢେଙ୍କାନାଳ ଜିଲା ପ୍ରଶାସନ ଓ ଜିଲା ସଂସ୍କୃତି ପରିଷଦ ଏହି କାର୍ଯ୍ୟକ୍ରମରେ ସହଯୋଗ କରିବ। ଉତ୍ସବ ଅବସରରେ ସନ୍ଧ୍ୟାରେ ସୁଗମ ସଙ୍ଗୀତ, ଓଡ଼ିଶୀ ନୃତ୍ୟ, ଲୋକନୃତ୍ୟ ପରିବେଷଣ କରାଯିବ। ଏଥିରେ ଓଡ଼ିଶାର ପ୍ରତିଷ୍ଠିତ ନୃତ୍ୟଶିଳ୍ପୀ, ସାଂସ୍କୃତିକ ଦଳ ଭାଗନେବେ ବୋଲି ସୂଚନା ଦିଆଯାଇଛି।

# କ୍ୟାମେରା ଲେନ୍ସର କିମିଆ

ଠିକ୍ କ୍ଷଣରେ କଏଦ ହୋଇଥିବା ଗୋଟିଏ ଫଟୋ ପାଇଁ ନିଅଣ୍ଟ ପଡ଼େ ହଜାରେ ଶବ୍ଦ। ସେଇଥିପାଇଁ କୁହାଯାଇଛି 'ଏ ଫଟୋଗ୍ରାଫ୍ ସ୍ପିକ୍‌ସ ଏ ଥାଉଜାଣ୍ଡ ୱାର୍ଡସ୍'। ଆବେଗ, ଉତ୍କଣ୍ଠା, କୌତୂହଳ ଏବଂ ସୃଜନଶୀଳତାର ସମନ୍ୱୟ ଏହି ଅନୁପମ କଳା ପ୍ରତି ଯୁବପିଢ଼ିଙ୍କ ମଧ୍ୟରେ ବଢ଼ୁଛି କ୍ରେଜ୍। ଫଟୋଗ୍ରାଫି ପ୍ରତି ଥିବା ନିଶାକୁ ପେସା କଲେଣି ଅନେକେ। ଏଭଳି ଏକ ସୃଜନାତ୍ମକ କଳା ଏବଂ ଏଥିରେ ଜଡ଼ିତ ବ୍ୟକ୍ତି ବିଶେଷଙ୍କୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଅଗଷ୍ଟ ୧୯ରେ ପାଳିତ ହେଉଛି ବିଶ୍ୱ ଫଟୋଗ୍ରାଫି ଦିବସ। ଏହି ଅବସରରେ କ୍ୟାମେରା ଲେନ୍ସରେ କମିଆ କରୁଥିବା ଢେଙ୍କାନାଳର ପ୍ରଫେସନାଲ ୱାଇଲ୍ଡଲାଇଫ୍ ଫଟୋଗ୍ରାଫର ସତ୍ୟକାମ ପରିଡ଼ାଙ୍କୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା...


ସତ୍ୟକାମ ପରିଡ଼ା।

ଢେଙ୍କାନାଳ, ୧୮।୮ (ରତନ ନାୟାର)

ଜୀବନ ଜଞ୍ଜାଳରୁ ସାମାନ୍ୟ ଫୁରସତ୍ ମିଳିଲେ ଜଙ୍ଗଲମୁହାଁ ହୁଅନ୍ତି ସତ୍ୟକାମ। ପ୍ରକୃତିର ବର୍ଣ୍ଣବିଭାଠାରୁ ଆରମ୍ଭ କରି ବନ୍ୟଜୀବନର ଗତିବିଧିକୁ ତୋଳିଧରନ୍ତି କ୍ୟାମେରା ଲେନ୍ସରେ। ପିଲାଟି ଦିନରୁ ଫଟୋଗ୍ରାଫି ପ୍ରତି ଥିବା ଦୁର୍ବଳତା ବୟସ ବଢ଼ିବା ସହିତ ଆହୁରି ଗଭୀର ହୋଇଛି, ଯାହା ଏହି ୩୭ ବର୍ଷୀୟ ଯୁବକଙ୍କୁ ଦେଇଛି ସ୍ୱତନ୍ତ୍ର ପରିଚୟ।

ସତ୍ୟକାମଙ୍କ ଘର ଢେଙ୍କାନାଳ ସହର ଗୁଡ଼ିଆନାଳୀ ଅଞ୍ଚଳରେ। ଡାକ ନାମ ଛୋଟୁ। ହେତୁ ଜାଣିବା ପରଠାରୁ ତାଙ୍କୁ ଘାରିଛି ଫଟୋଗ୍ରାଫି ନିଶା। ବାପା ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ପ୍ରତାପ ଚନ୍ଦ୍ର ପରିଡ଼ା ଏବଂ ମା' ଜ୍ୟୋତ୍ସ୍ନାରାଣୀ ମଧ୍ୟ ପୁଅଙ୍କ ଆଗ୍ରହକୁ କରି ନାହାନ୍ତି ଅଣଦେଖା। ସେମାନଙ୍କ ପ୍ରୋତ୍ସାହନରେ ଥାର୍ଡ ଆନିମେଶନ ପାଠ୍ୟକ୍ରମରେ ଉତ୍ତୀର୍ଣ୍ଣ ହେବା ପରେ ୨୦୦୭ରେ ମୁମ୍ବାଇରେ ଥାର୍ଡ


ସତ୍ୟକାମଙ୍କ କ୍ୟାମେରା ଲେନ୍ସରେ କଏଦ ହୋଇଥିବା ହାତୀଙ୍କ ଫଟୋ।

**ୱାଇଲ୍ଡଲାଇଫ୍ ଫଟୋଗ୍ରାଫର ସତ୍ୟକାମ**

ଆନିମେଟର ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ ସତ୍ୟକାମ। ସେଠାରେ ସେ ପ୍ରଫେସନାଲ ଫଟୋଗ୍ରାଫିରେ ବିଧିବଦ୍ଧ ପ୍ରଶିକ୍ଷଣ ନେଇଥିଲେ। ୨୦୦୮ରେ ସତ୍ୟକାମ ଫଟୋଗ୍ରାଫି ଆରମ୍ଭ କରିଥିଲେ। ଏ କ୍ଷେତ୍ରରେ ମାନସିକସ୍ତରରେ ସ୍ତ୍ରୀ ସ୍ମୃତିସାଧନା ସହଯୋଗ କରିଥିବାବେଳେ ଢେଙ୍କାନାଳ ଜିଲାର ସବୁଜିମାଭରା ସଂରକ୍ଷିତ ଜଙ୍ଗଲ ସତ୍ୟକାମଙ୍କ ପାଇଁ ପାଲଟିଥିଲା ଆଶୀର୍ବାଦ। ହାତୀ, ସରୀସୃପ, ପକ୍ଷୀ, ଅସ୍ତଗାମୀ ସୂର୍ଯ୍ୟ, ପର୍ଯ୍ୟଟନସ୍ଥଳୀ, ଚିଲିକାର ଆର୍ଦ୍ରଭୂମି, ମୁମ୍ବାଇସ୍ଥିତ ସଞ୍ଜୟ ଗାନ୍ଧୀ ଜାତୀୟ ପାର୍କରେ ସେ ଉଠାଇଥିବା ଫଟୋ ଅସଜ୍ର ପ୍ରଶଂସା ସାଉଁଟିଛି।

ନିଜ ପ୍ରତିକ୍ରିୟାରେ ସତ୍ୟକାମ କୁହନ୍ତି, ବ୍ୟସ୍ତବହୁଳ ଜୀବନରେ ଜଙ୍ଗଲକୁ ଯାଇ ଫଟୋଗ୍ରାଫି କଲେ ମନକୁ ଶାନ୍ତି ମିଳେ। ହାତୀ ଏବଂ ଅନ୍ୟ ବନ୍ୟଜନ୍ତୁ ପରିବେଶ ସନ୍ତୁଳନରେ ପ୍ରମୁଖ ଭୂମିକା ଗ୍ରହଣ କରିଆସିଛନ୍ତି। ସେମାନଙ୍କ ସୁରକ୍ଷା ବିଷୟରେ ଚିନ୍ତା କରିବା ଆବଶ୍ୟକ। ଏ ବିଷୟରେ ସଚେତନ କରାଇବା ଲାଗି ଫଟୋ ପ୍ରକୃଷ୍ଟ ମାଧ୍ୟମ। ଫଟୋଗ୍ରାଫି ଏକ ସାଧନା। ନିଷ୍ଠା, ଏକାଗ୍ରତା ଏବଂ ଅଭ୍ୟାସ ବଳରେ ଜଣେ ଭଲ ଫଟୋଗ୍ରାଫର ହୋଇପାରିବେ।


ଆର୍ଦ୍ରଭୂମି ଅଞ୍ଚଳରେ ସତ୍ୟକାମ ଉଠାଇଥିବା ଏକ ବିହଙ୍ଗର ଫଟୋ।

### କ୍ୟାମେରା କିଣିବାକୁ ସଞ୍ଚୁଥିଲେ ପକେଟମନି

ନିଶା ଏବେ ପରିଣତ ହୋଇଛି ପେସାରେ। ହେଲେ ଏଥିପାଇଁ ସତ୍ୟକାମଙ୍କୁ କରିବାକୁ ପଡ଼ିଛି ବେଶ୍ ସଂଘର୍ଷ। ୨୦୦୮ରେ ଭଲ କ୍ୟାମେରାଟିଏ କିଣିବା ଏତେ ସହଜ ନ ଥିଲା। ତେଣୁ ମା'ବାପା ଦେଉଥିବା ପକେଟମନି ଅର୍ଥ ସଞ୍ଚୟ କରୁଥିଲେ। ୨୦୦୮ରେ ସତ୍ୟକାମଙ୍କ ସ୍ୱପ୍ନ ପୂରଣ ହେଲା। ନିଜସ୍ୱ ଟଙ୍କାରେ ସେ କିଣିଥିଲେ ଡିଜିଟାଲ କ୍ୟାମେରା କୋଡାକ୍ ସି-୬୧୩ ମଡେଲ। ଏଥିରେ ସେ ଆରମ୍ଭ କରିଥିଲେ ପ୍ରଫେସନାଲ ଫଟୋଗ୍ରାଫି। ଏହାପରେ ତାଙ୍କ କ୍ୟାମେରା ତାଲିକାରେ ଯୋଡ଼ିହେଲା କାନନ ଓ ନିକନ ବ୍ରାଣ୍ଡର ଦାମୀ କ୍ୟାମେରା। ୱାଇଲ୍ଡ ଲାଇଫ୍ ଫଟୋଗ୍ରାଫି ବେଳେ ସେ ୨୦୦-୫୦୦ ଏମ୍‌ଏମ୍ ସୁପର ଟେଲିଫଟୋ ଲେନ୍ସ, ୭୦-୨୦୦ ଏମ୍‌ଏମ୍ ଲେନ୍ସ ଏବଂ ଆକାଶମାର୍ଗରୁ ଫଟୋଚିତ୍ର ଉତ୍ତୋଳନ କରିବା ପାଇଁ ଡ୍ରୋନ୍ କ୍ୟାମେରା ବ୍ୟବହାର କରୁଛନ୍ତି। ଗୁଡ଼ିଆନାଳୀ ଅଞ୍ଚଳରେ ଥିବା 'ଡେଲାନୋ' ଷ୍ଟୁଡିଓ ତାଙ୍କ ଫଟୋଗ୍ରାଫି ନିଶାରେ ଡେଣା ଯୋଡ଼ିଛି।

# ସଦ୍‌ଭାବନା ଦିବସରେ ଶପଥପାଠ

ଢେଙ୍କାନାଳ, ୧୮।୮ (ରତନ ନାୟାର/ସୁଧୀର ପରିଡ଼ା)

ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଜୟନ୍ତୀ ଉପଲକ୍ଷେ ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ସଦ୍‌ଭାବନା ଦିବସ ପାଳିତ ହୋଇଯାଇଛି। ଆସନ୍ତା ୨୦ ତାରିଖ ଛୁଟି ଦିବସ ଥିବାରୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଶୁକ୍ରବାର ଏହାକୁ ପାଳନ କରାଯାଇଥିଲା। ଜିଲାପାଳ ସରୋଜ କୁମାର ସେଠୀ କାର୍ଯ୍ୟାଳୟର ସମସ୍ତ କର୍ମଚାରୀଙ୍କୁ ସଦ୍‌ଭାବନା ବଜାୟ ରଖିବା ଲାଗି ଶପଥପାଠ କରାଇଥିଲେ। ଜାତି, ଧର୍ମ, ସମ୍ପ୍ରଦାୟ, ଭାଷା ଭେଦଭାବ ବ୍ୟତିରେକ କାର୍ଯ୍ୟ କରିବା, ହିଂସା ଆଚରଣ ପରିତ୍ୟାଗ କରିବା, ସାମ୍ବିଧାନିକ ଉପାୟରେ ବିବାଦର ସମାଧାନ କରିବା ନେଇ କର୍ମଚାରୀମାନେ ଶପଥ ନେଇଥିଲେ। ସେହିପରି କାମାକ୍ଷାନଗର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ସଦ୍‌ଭାବନା ଦିବସ ପାଳିତ ହୋଇଯାଇଛି। ଉପଜିଲାପାଳ ନାରାୟଣ ଚନ୍ଦ୍ର ନାୟକ ଏଥିରେ ଅଧ୍ୟକ୍ଷତା କରି କର୍ମଚାରୀଙ୍କୁ ଶପଥପାଠ କରାଇଥିଲେ। ସହକାରୀ ଜିଲାପାଳ ମଦନ ମୋହନ ଜେନା ଓ କର୍ମଚାରୀ ଉପସ୍ଥିତ ଥିଲେ।


ଜିଲାପାଳ କର୍ମଚାରୀମାନଙ୍କୁ ଶପଥପାଠ କରାଉଛନ୍ତି।


ବୈଠକରେ ଅତିରିକ୍ତ ଜିଲାପାଳଙ୍କ ସମେତ ଅନ୍ୟମାନେ।

# ଓଡ଼ିଆ ଭାଷାରେ ନାମଫଳକ ବାଧ୍ୟତାମୂଳକ

ଢେଙ୍କାନାଳ, ୧୮।୮ (ରତନ ନାୟାର)

**ଖିଲାପ କଲେ ୫୦୦୦ ଜରିମାନା**

ଢେଙ୍କାନାଳ ଜିଲାର ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନର ନାମଫଳକ ଓଡ଼ିଆ ଭାଷାରେ ଲେଖିବା ବାଧ୍ୟତାମୂଳକ। ଏଥିରେ ଖିଲାପ କଲେ ପ୍ରଥମ ଥର ୫୦୦୦ ଟଙ୍କା ଏବଂ ତଥାପି ନ ମାନିଲେ ୨୫ ହଜାର ଟଙ୍କା ଯାଏ ଜରିମାନା ଆଦାୟ କରାଯିବ ବୋଲି ଚେତାବନୀ ଦେଇଛନ୍ତି ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ସେଠୀ।

ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ଶୁକ୍ରବାର ବ୍ୟବସାୟିକ ପ୍ରତିଷ୍ଠାନରେ ଓଡ଼ିଆ ଭାଷାରେ ନାମଫଳକ ଲଗାଇବାକୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲାପାଳ କହିଲେ, ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇବା ସତ୍ତ୍ୱେ ଆମ ମାତୃଭାଷା ଓଡ଼ିଆ ଅବହେଳିତ ହୋଇରହିଛି। ପିଲାମାନେ ଓଡ଼ିଆରେ ହସ୍ତାକ୍ଷର ଲେଖିପାରୁନାହାନ୍ତି। ଏବେ ଓଡ଼ିଆ ଭାଷାର ଗୁରୁତ୍ୱକୁ ଉପଲବ୍ଧି କରିବାର ସମୟ ଆସିଛି। ତଦନୁଯାୟୀ, ଜିଲାର ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନରେ ଓଡ଼ିଆ ଭାଷାରେ ନାମଫଳକ ଲେଖିବା ବାଧ୍ୟତାମୂଳକ। ଏ ନେଇ ସଚେତନ କରିବା ଲାଗି ଅତିରିକ୍ତ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି।

ଶ୍ରମ କମିଶନର ମୋନାଲିସା ନାୟକ କହିଲେ, ୨୦୧୮ରୁ ଓଡ଼ିଶାର ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନରେ ଓଡ଼ିଆ ଭାଷାରେ ନାମଫଳକ ପ୍ରଦର୍ଶନ ବାଧ୍ୟତାମୂଳକ କରାଯାଇଛି। ଉଲ୍ଲଂଘନକାରୀଙ୍କଠାରୁ ଜରିମାନା ଆଦାୟ ବ୍ୟବସ୍ଥା ରହିଛି। ଏହାକୁ କାର୍ଯ୍ୟକାରୀ କରିବା ଲାଗି ଅତିରିକ୍ତ ଜିଲାପାଳଙ୍କ ଅଧ୍ୟକ୍ଷତାରେ ସମନ୍ୱୟ କମିଟି ଗଠିତ ହେବ। କମିଟିରେ ଜିଲାର ସମସ୍ତ ପୌରାଞ୍ଚଳ ଅଧିକାରୀ, ବଜାର ସମନ୍ୱୟ ସଙ୍ଗଠନ ସଦସ୍ୟ ଓ ଜିଲା ଶ୍ରମ ଅଧିକାରୀ ଆବାହକ ଭାବେ କାର୍ଯ୍ୟ କରିବେ। ଉକ୍ତ କମିଟି ୩ମାସରେ ଥରେ ବୈଠକରେ ଆଲୋଚନା କରି ଓଡ଼ିଆ ଭାଷାରେ ନାମଫଳକ ପ୍ରଦର୍ଶନକୁ କଡ଼ାକଡ଼ି ଭାବେ ଲାଗୁ କରାଇବା ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ। ବୈଠକରେ ପୌର ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ, କାମାକ୍ଷାନଗର ଏନ୍‌ଏସି ନିର୍ବାହୀ ଅଧିକାରୀ ଯତୀନ୍ଦ୍ର କୁମାର ମିଶ୍ର, ଭୁବନ ଏନ୍‌ଏସି ନିର୍ବାହୀ ଅଧିକାରୀ ଶ୍ୟାମସୁନ୍ଦର ସାହୁ ପ୍ରମୁଖ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

# ରକ୍ତଦାନ ପାଇଁ ଜିଏମ୍‌ଆର୍ ପୁରସ୍କୃତ

ଢେଙ୍କାନାଳ, ୧୮।୮ (ରତନ ନାୟାର)

ସ୍ୱେଚ୍ଛାକୃତ ରକ୍ତଦାନ ପାଇଁ ପୁରସ୍କୃତ ହୋଇଛି ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କମଲାଙ୍ଗସ୍ଥିତ ଜିଏମ୍‌ଆର କମଲାଙ୍ଗ ଏନର୍ଜି ଲିମିଟେଡ୍ (ଜିକେଇଏଲ୍) କମ୍ପାନୀ। ଜିଲା ପ୍ରଶାସନ ପକ୍ଷରୁ ସ୍ୱାଧୀନତା ଦିବସରେ କମ୍ପାନୀକୁ ସମ୍ମାନିତ କରାଯାଇଛି। ସମାରୋହର ମୁଖ୍ୟ ଅତିଥି ତଥା ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ୍ ଜିକେଇଏଲ୍‌କୁ ଏହି ପୁରସ୍କାର ପ୍ରଦାନ କରିଥିଲେ।

ବିଗତ ୮ବର୍ଷ ମଧ୍ୟରେ କମ୍ପାନୀ ୭ମ ଥର ପାଇଁ ଏହି ପୁରସ୍କାର ହାତେଇଛି। ଜିକେଇଏଲ୍ ପ୍ରତି ବର୍ଷ ପାଖାପାଖି ୩୦୦ ୟୁନିଟ୍ ରକ୍ତ ସଂଗ୍ରହ କରି ଜିଲା ରକ୍ତ ଭଣ୍ଡାରକୁ ଯୋଗାଇ ଆସୁଛି। ଏହି ପୁରସ୍କାର ପାଇବା ପରେ ଜିକେଇଏଲ୍ ଚିଫ୍ ଅପରେଟିଂ ଅଫିସର ଧନଞ୍ଜୟ ଦେଶପାଣ୍ଡେ ସମସ୍ତ କର୍ମଚାରୀଙ୍କୁ ଧନ୍ୟବାଦ ଦେଇଛନ୍ତି। ଆଗକୁ ରକ୍ତଦାନ ଶିବିରରେ ଉତ୍ସାହର ସହ ଯୋଗଦେବାକୁ ସେ ସମସ୍ତଙ୍କୁ ନିବେଦନ କରିଛନ୍ତି। ସୂଚନାଯୋଗ୍ୟ, ଜିକେଇଏଲ୍ କମ୍ପାନୀ ପାର୍ଶ୍ୱବର୍ତ୍ତୀ କମଲାଙ୍ଗ ଓ ମଙ୍ଗଳପୁର ପଞ୍ଚାୟତରେ ସ୍ୱାସ୍ଥ୍ୟ, ଶିକ୍ଷା ଓ ଜୀବନ ଜୀବିକା କ୍ଷେତ୍ରରେ ବିଭିନ୍ନ କାର୍ଯ୍ୟ କରୁଛି। ସ୍ୱାସ୍ଥ୍ୟସେବାରେ ଉନ୍ନତି ପାଇଁ ଏକ ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟ ସ୍ଥାପନ କରିଛି।


କମ୍ପାନୀ ଅଧିକାରୀଙ୍କୁ ମନ୍ତ୍ରୀ ପୁରସ୍କୃତ କରୁଛନ୍ତି।

# ଆଇଜିଆଇଟିରେ ମିଶନ ଆଣ୍ଟି ରାଗିଂ

ପରଜଙ୍ଗ, ୧୮।୮ (ନିଗମାନନ୍ଦ ଦଳବେହେରା)

ଡିଜିଟାଇଜ୍ ହେଉଛି ଭାରତ। ବଦଳୁଛି ଶିକ୍ଷାର ରୂପରେଖ। ଦକ୍ଷତା, ବିକାଶ ଓ ବୈଷୟିକ ଶିକ୍ଷା କ୍ଷେତ୍ରରେ ଆସିଛି ବଡ଼ ପରିବର୍ତ୍ତନ। ହେଲେ ବିଭିନ୍ନ ସମୟରେ ଶିକ୍ଷାନୁଷ୍ଠାନର ଗରିମା ଉପରେ କଳାଛିଟା ଲଗାଉଛି ରାଗିଂ ଅଭିଯୋଗ। କଲେଜ କ୍ୟାମ୍ପସ୍‌କୁ ରାଗିଂମୁକ୍ତ କରିବା ଲାଗି ଆରମ୍ଭ ହୋଇଛି 'ଲର୍ନ ଉଇଥ ଫନ୍, ନଟ୍ ଉଇଥ ଫିଅର' ଅଭିଯାନ। ଏଥିସହ ଅଗଷ୍ଟ ୧୨ରୁ ୧୮ ତାରିଖ ଯାଏ ପାଳିତ ହେଉଛି ଆଣ୍ଟି-ରାଗିଂ ସପ୍ତାହ। ଏହିକ୍ରମରେ ଢେଙ୍କାନାଳ ଜିଲାର ପ୍ରମୁଖ ଇଞ୍ଜିନିୟରିଂ କଲେଜ ଇନ୍ଦିରା ଗାନ୍ଧୀ ବୈଷୟିକ ପ୍ରତିଷ୍ଠାନ (ଆଇଜିଆଇଟି)ରେ ଶୁକ୍ରବାର ଅନୁଷ୍ଠିତ ହୋଇଛି ଆଣ୍ଟି ରାଗିଂ କାର୍ଯ୍ୟକ୍ରମ। ଏହି ଅବସରରେ କଲେଜ ପକ୍ଷରୁ ଜାରି କରାଯାଇଛି 'ଇଷ୍ଟ ଅର୍ ୱେଷ୍ଟ-ରାଗିଂ ଫ୍ରି ଆଇଜିଆଇଟି ଇଜ୍ ଦି ବେଷ୍ଟ' ଟ୍ୟାଗ୍ ଲାଇନ୍।

ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ସରୋଜ କୁମାର ସେଠୀ, ସମ୍ମାନିତ ଅତିଥି ଭାବେ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର, କାମାକ୍ଷାନଗର ଉପଜିଲାପାଳ ନାରାୟଣ ଚନ୍ଦ୍ର ନାୟକ, କଲେଜ ନିର୍ଦ୍ଦେଶକ ସତ୍ୟବ୍ରତ ମହାନ୍ତ, ଆଣ୍ଟି ରାଗିଂ କମିଟି ଅଧ୍ୟକ୍ଷ ସଞ୍ଜୟ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶାନ୍ତିଶୃଙ୍ଖଳାର ସହ ଅଧ୍ୟୟନ କରିବା, ସରସ୍ୱରକୁ ସହଯୋଗ କରିବା, ଭାଇଚାରା ପରମ୍ପରା ସୃଷ୍ଟି କରିବା, ନବାଗତଙ୍କ ପ୍ରତି ସ୍ନେହପୂର୍ଣ୍ଣ ଆଚରଣ ପ୍ରଦର୍ଶନ କରିବାକୁ ମୁଖ୍ୟ ଅତିଥି ପରାମର୍ଶ ଦେଇଥିଲେ। ଏସ୍‌ପି ରାଗିଂ ଅଭିଯୋଗ ସମ୍ପର୍କିତ ଆଇନଗତ ପ୍ରକ୍ରିୟା, କାର୍ଯ୍ୟାନୁଷ୍ଠାନ ଓ ଧାରା ସମ୍ପର୍କରେ ବୁଝାଇଥିଲେ। କାର୍ଯ୍ୟକ୍ରମରେ କଲେଜର ସମସ୍ତ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ ଏବଂ କର୍ମଚାରୀ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଜିଲାପାଳ, ଏସ୍‌ପିଙ୍କ ସମେତ ଅନ୍ୟମାନେ।

# ୨୫ରେ ସ୍ୱାଭିମାନ ସୁରକ୍ଷା ମଞ୍ଚ ପକ୍ଷରୁ ଗଣଧାରଣା

ଢେଙ୍କାନାଳ, ୧୮।୮ (ରତନ ନାୟାର)

ଢେଙ୍କାନାଳ ଜିଲାର ପ୍ରସିଦ୍ଧ ଶୈବପୀଠ ତଥା ପର୍ଯ୍ୟଟନସ୍ଥଳୀ କପିଳାସରେ ଅବ୍ୟବସ୍ଥା ସୀମା ଟପିଲାଣି। ଶ୍ରଦ୍ଧାଳୁ ଏବଂ ପର୍ଯ୍ୟଟକଙ୍କୁ ଆର୍ଥିକ ଶୋଷଣ କରାଯାଉଛି। ମାନସିକ ନିର୍ଯାତନା ଦିଆଯାଉଛି। ଏହାର ପ୍ରତିବାଦରେ ଆସନ୍ତା ୨୫ ତାରିଖ ପୂର୍ବାହ୍ନ ୯ଟାରୁ କପିଳାସ ମୁଖ୍ୟ ଫାଟକ ସମ୍ମୁଖରେ ଢେଙ୍କାନାଳ ସ୍ୱାଭିମାନ ସୁରକ୍ଷା ମଞ୍ଚ ପକ୍ଷରୁ ଗଣଧାରଣା ଦିଆଯିବ ବୋଲି ନିଷ୍ପତ୍ତି ହୋଇଛି। ସମସ୍ୟାର ସମାଧାନ ହେବା ପର୍ଯ୍ୟନ୍ତ ଏହା ଜାରି ରହିବ ବୋଲି ଆବାହକ ତଥା ପୂର୍ବତନ ବିଧାୟକ ନବୀନ ନନ୍ଦ ସୂଚନା ଦେଇଛନ୍ତି।

ପୂର୍ବତନ ବିଧାୟକ ନନ୍ଦ କହିଛନ୍ତି, ୨ମାସ ହେଲା ଏସ୍‌ପି ଶୋଷଣକାରୀଙ୍କୁ ତାଗିଦ୍ କରୁଛନ୍ତି। ହେଲେ ଏଥିପ୍ରତି କେହି ଖାତିର କରୁନାହାନ୍ତି। ପ୍ରଶାସନର ବାରମ୍ବାର ଦୃଷ୍ଟି ଆକର୍ଷଣ କରିବା ସତ୍ତ୍ୱେ ସୁଫଳ ମିଳୁନାହିଁ। ନିର୍ଦ୍ଦେଶକୁ ବେଖାତିର କରି କେତେଜଣ ଅସାଧୁ ବ୍ୟକ୍ତି ଦେବୋତ୍ତର ବିଭାଗ ଅଧିକାରୀଙ୍କ ସହ ସାମିଲ ହୋଇ ଶ୍ରଦ୍ଧାଳୁଙ୍କୁ ଶୋଷଣ କରୁଛନ୍ତି। ପୀଠର ସୁନାମରେ ଆଞ୍ଚ ଆସୁଛି। ଏହାର ପ୍ରତିକାର ଲାଗି ଶୁକ୍ରବାର ଜିଲାପାଳଙ୍କୁ ଲିଖିତ ଭାବେ ଜଣାଯାଇଛି। ଶ୍ରଦ୍ଧାଳୁଙ୍କଠାରୁ ଆର୍ଥିକ ଶୋଷଣ ବନ୍ଦ, ଦେବୋତ୍ତର ବିଭାଗ ଦ୍ୱାରା ନିଲାମ କରାଯାଉଥିବା ସଇରାତ ଦର ତାଲିକା ସର୍ବସାଧାରଣରେ ଲଗାଇବା, ଚାରିଚକିଆ ଯାନ ପାଇଁ ଉଦ୍ଦିଷ୍ଟ ଟୋଲ୍ ଗେଟ୍‌କୁ ପୁରୁଣା ବିଟ୍ ହାଉସ ନିକଟକୁ ସ୍ଥାନାନ୍ତର କରିବା, ଏହାକୁ ବୈଦ୍ୟୁତିକ ଚେକ୍‌ଗେଟ୍‌ରେ ରୂପାନ୍ତରିତ କରିବା, କେବଳ କପିଳାସକୁ ଯାଉଥିବା ଗାଡ଼ିଗୁଡ଼ିକରୁ ଟୋଲ୍ ଫି' ଆଦାୟ କରିବା, ସୁଚିନ୍ତିତ ପାର୍କିଂ ବ୍ୟବସ୍ଥା, ପୂର୍ତ୍ତ ବିଭାଗ ରାସ୍ତାରେ ବାଇକ୍ ଆରୋହୀଙ୍କଠାରୁ ଆଦାୟ କରାଯାଉଥିବା ଟୋଲ୍ ଫି' ସମ୍ପୂର୍ଣ୍ଣ ବନ୍ଦ କରିବା, ଶ୍ରୀମନ୍ଦିର ଡାଆଁରେ କପିଳାସ ମୁଖ୍ୟ ଫାଟକଠାରୁ ବଡ଼ଦାଣ୍ଡ ପାହାଚ ରାସ୍ତା ପର୍ଯ୍ୟନ୍ତ ଆମିଷ ଭୋଜି ଓ ଆମିଷ ହୋଟେଲ ବନ୍ଦ, ଠାକୁରଙ୍କ ସ୍ଥାବର ଅସ୍ଥାବର ସମ୍ପତ୍ତିର ରକ୍ଷଣାବେକ୍ଷଣ ପାଇଁ ଜଣେ ପୂର୍ଣ୍ଣକାଳୀନ ପ୍ରଶାସକଙ୍କୁ ନିଯୁକ୍ତି ଦେବା, ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ଅନ୍ୟତ୍ର ବଦଳି, ଜବରଦଖଲରେ ଥିବା ଠାକୁରଙ୍କ ଭୂସମ୍ପତ୍ତିର ପୁନରୁଦ୍ଧାର କରି ଉପଯୁକ୍ତ ରକ୍ଷଣାବେକ୍ଷଣା କରିବାକୁ ପୂର୍ବତନ ବିଧାୟକ ଦାବି କରିଛନ୍ତି। ଏଥିସହ ଦୀର୍ଘଦିନ ଧରି ଠାକୁରଙ୍କ ସେବା କରି ଆସୁଥିବା ସ୍ଥାନୀୟ ପୂଜକଙ୍କୁ ଅନ୍ୟାୟ ଭାବେ କାର୍ଯ୍ୟରୁ ଅନ୍ତର କରାଯାଇଛି। ସେମାନଙ୍କୁ ତୁରନ୍ତ ନିଯୁକ୍ତି ଦେବାକୁ ପୂର୍ବତନ ବିଧାୟକ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି।


କପିଳାସ ମନ୍ଦିର।

**କପିଳାସ ପୀଠରେ ବଢ଼ୁଛି ଅବ୍ୟବସ୍ଥା**

## ସଂକ୍ଷେପରେ

### ଆକ୍ରମଣ ମାମଲା: ୫ ଦୋଷୀ ସାବ୍ୟସ୍ତ

ଢେଙ୍କାନାଳ, ୧୮।୮ (ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ ଅଦାଲତରେ ଏକ ଆକ୍ରମଣ ମାମଲାର ରାୟପ୍ରକାଶ ପାଇଛି। ବିଚାରପତି ସୌରଭ ସାଗର ପ୍ରଧାନ ଏହାର ବିଚାର କରି ୫ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ପ୍ରତ୍ୟେକଙ୍କୁ ୧ ହଜାର ଟଙ୍କା ଜରିମାନା ଏବଂ ଅନାଦାୟେ ମାସେ କାରାଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ଦିଆଯାଇଛି।

ମାମଲାର ବିବରଣୀ ଅନୁଯାୟୀ, ୨୦୧୬ ଅଗଷ୍ଟ ୨୮ରେ ନିହଲପ୍ରସାଦ ଥାନା ଖଙ୍କିରା ଗ୍ରାମର ଜଣେ ପୀଡ଼ିତାଙ୍କ ମା' ଗାଈ ବାନ୍ଧୁଥିବା ବେଳେ ପ୍ରିୟତମା ମହାପାତ୍ର (୬୨), ରଞ୍ଜନ କୁମାର ମହାପାତ୍ର (୪୨), ସଞ୍ଜୟ କୁମାର ମହାପାତ୍ର (୪୨), ମନ୍ଦାକିନୀ ମହାପାତ୍ର (୪୫) ଓ ରୀତାରାଣୀ ମହାପାତ୍ର (୩୩) ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ପୀଡ଼ିତା ପ୍ରତିବାଦ କରିବାରୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ପୀଡ଼ିତା, ତାଙ୍କ ମା' ଏବଂ ଭଉଣୀ ଗୁରୁତର ହୋଇଥିଲେ। ଏ ନେଇ ନଂ. ୧୧୧/୧୬ରେ ମାମଲା ରୁଜୁ ହୋଇଥିଲା। ଅଭିଯୋଗପତ୍ର ଦାଖଲ ହେବା ପରେ ଜିଆର୍ କେସ୍ ନଂ. ୧୦୮୮/୧୬ର ବିଚାର ପୂର୍ବକ ୬ଜଣ ସାକ୍ଷୀ, ୪ ଦସ୍ତାବିଜ୍ ଆଧାରରେ ଦଫା ୩୨୩ ଓ ୩୪ ଅନୁଯାୟୀ ଅଭିଯୁକ୍ତଙ୍କୁ କୋର୍ଟ ଦୋଷୀ ସାବ୍ୟସ୍ତ କରିଛନ୍ତି। ମାମଲାକୁ ସରକାରଙ୍କ ପକ୍ଷରୁ କ୍ୟାଡର ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଶାଶ୍ୱତ ଜେନା ପରିଚାଳନା କରିଥିବାବେଳେ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ବିଶ୍ୱନାଥ ନାୟକ ଓ କାମାକ୍ଷା ପ୍ରସାଦ ରଣା ସହଯୋଗ କରିଥିଲେ।

### କାର୍ଯ୍ୟରେ ଖିଲାପ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ

କାମାକ୍ଷାନଗର, ୧୮।୮ (ସୁଧୀର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ସଭାଗୃହରେ ଶୁକ୍ରବାର ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତି ସମୀକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସରୋଜ କୁମାର ସେଠୀ ଯୋଗଦେଇ କାମାକ୍ଷାନଗର ଏବଂ ପରଜଙ୍ଗ ନିର୍ବାଚନମଣ୍ଡଳୀର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ସମ୍ପର୍କରେ ପଚାରି ବୁଝିଥିଲେ। ଜୁଲାଇ ୩୧ରୁ ଅଗଷ୍ଟ ୩୧ ପର୍ଯ୍ୟନ୍ତ ବିଏଲଓମାନେ ଘର ଘର ବୁଲି ତଥ୍ୟ ସଂଗ୍ରହ କରି ଠିକ୍ ଭୋଟର ତାଲିକା ପ୍ରସ୍ତୁତ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଥିଲା। ତେବେ କାମ ଆଶାଜନକ ହୋଇ ନ ଥିବାରୁ ଜିଲାପାଳ କ୍ଷୋଭ ପ୍ରକାଶ କରିଛନ୍ତି। ନିର୍ଦ୍ଧାରିତ ସମୟ ମଧ୍ୟରେ ଶତପ୍ରତିଶତ କାମ କରିବାକୁ ସେ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଏହି ଜାତୀୟ କାର୍ଯ୍ୟରେ ଖିଲାପ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ଉପସ୍ଥିତ ବିଏଲଓ ଏବଂ ଅଧିକାରୀଙ୍କୁ ଚେତାବନୀ ଦେଇଛନ୍ତି। ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର ବୁଥ୍‌ଗୁଡ଼ିକର ସ୍ଥିତି ଓ ଅବସ୍ଥିତି ସମ୍ପର୍କରେ ପୂର୍ଣ୍ଣାଙ୍ଗ ତଥ୍ୟ ଦେବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ନାରାୟଣ ଚନ୍ଦ୍ର ନାୟକ, ସହକାରୀ ଜିଲାପାଳ ମଦନମୋହନ ଜେନା, ଅତିରିକ୍ତ ତହସିଲଦାର ଝସକେତନ ନାୟକ, ଏବିଡିଓ ଝରଣା ସାମଲଙ୍କ ସମେତ ଦୁଇ ନିର୍ବାଚନମଣ୍ଡଳୀର ବିଏଲ୍‌ଓମାନେ ଉପସ୍ଥିତ ଥିଲେ।

### ଦୃଷ୍ଟିହୀନ ସ୍କୁଲ ବୁଲିଲେ ମନ୍ତ୍ରୀ

ଢେଙ୍କାନାଳ, ୧୮।୮ (ରତନ ନାୟାର)

ସ୍ୱାଧୀନତା ଦିବସରେ ଢେଙ୍କାନାଳ ପୌରାଞ୍ଚଳ ୯ନଂ. ୱାର୍ଡସ୍ଥିତ ନନ୍ଦିନୀଦେବୀ ଦୃଷ୍ଟିହୀନ ଓ ବଧିର ବିଦ୍ୟାଳୟ ପରିଦର୍ଶନ କରି ଅନ୍ତେବାସୀଙ୍କ ସହ ସମୟ ଅତିବାହିତ କରିଛନ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ୍। ଏହି ଅବସରରେ ସେ ଛାତ୍ରୀଛାତ୍ରଙ୍କୁ ମିଷ୍ଟାନ୍ନ ଏବଂ ଚକୋଲେଟ୍ ବାଣ୍ଟିଥିଲେ। ଏଥିସହ ଶିକ୍ଷାନୁଷ୍ଠାନ ପରିସରରେ ଥିବା ନନ୍ଦିନୀଦେବୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଜିଲାପାଳ ସରୋଜ କୁମାର ସେଠୀ, ଅତିରିକ୍ତ ଜିଲାପାଳ ଲଳିତ ମୋହନ ବେହେରା, ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଦ୍ୟୁମ୍ନ ରଥ, ସମ୍ପାଦକ ବିଶ୍ୱନାଥ ବେହେରା, କୋଷାଧ୍ୟକ୍ଷ ମଳୟ ପାଣିଗ୍ରାହୀ, ସଭ୍ୟା ଗୋଲାପ ସାହୁ, ସଭ୍ୟ କୃଷ୍ଣଚନ୍ଦ୍ର ଦ୍ୱିବେଦୀ, ପ୍ରଦୀପ କୁମାର ଧଳ, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ ଶାଖା ପ୍ରବନ୍ଧକ ଏସ୍.କେ. ସାହୁ, ନୀଳାଦ୍ରିବିଜେ କମିଟି ସଭାପତି ପ୍ରକାଶ ପତି, ସମ୍ପାଦକ ସତ୍ୟରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ପୋଖରୀ ହୁଡ଼ା ଭାଙ୍ଗି ଜମି ଜଳମଗ୍ନ



ପୋଖରୀ ହୁଡ଼ା ଭାଙ୍ଗିଯାଇଛି।

କାମାକ୍ଷାନଗର, ୧୮।୮ (ସୁଧୀର ପରିଡ଼ା)

ଦୁଇଦିନ ଧରି ଜାରି ରହିଥିବା ଲଗାଣବର୍ଷାରେ ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ତୁମୁସିଙ୍ଗା ପଞ୍ଚାୟତ ଶ୍ରୀମୂଳା ଗ୍ରାମ ଅରଖବାହାଳି ପୋଖରୀ ବନ୍ଧ ଶୁକ୍ରବାର ଭାଙ୍ଗିଯାଇଛି। ଫଳରେ ୮ ମିଟର ଘାଇ ସୃଷ୍ଟି ହେବା ସହ ଜଳାଶୟ ନିକଟବର୍ତ୍ତୀ ଶତାଧିକ ଏକର ଜମି ଜଳାର୍ଣ୍ଣବ ହୋଇଯାଇଛି। ବ୍ୟାପକ ଧାନ ଚାଷ ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି।

ଚାଷୀଙ୍କ କହିବା କଥା, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍) ଅନୁଦାନ ଅର୍ଥରେ ପ୍ରତିବର୍ଷ ଅରଖବାହାଳି ପୋଖରୀର ଉନ୍ନତୀକରଣ ହେଉଛି।

**ନିମ୍ନମାନର କାମ ଅଭିଯୋଗ**

ତେବେ ନିମ୍ନମାନର କାମ ଯୋଗୁ ପୋଖରୀ ବନ୍ଧ ଦୁର୍ବଳ ହୋଇଯାଇଥିଲା। ଦୁଇଦିନ ଧରି ଜାରି ରହିଥିବା ଲଗାଣ ବର୍ଷାରେ ପୋଖରୀରେ କ୍ଷମତାଠାରୁ ଅଧିକ ପାଣି ଭର୍ତ୍ତି ହୋଇଯିବାରୁ ବନ୍ଧ ଭାଙ୍ଗିଯାଇଛି। ପାଣି ବିଲରେ ମାଡ଼ିଯିବା ଫଳରେ ଶତାଧିକ ଚାଷୀଙ୍କ ଧାନ ଚାଷ ନଷ୍ଟ ହୋଇଯାଇଛି। ତେଣୁ ତୁରନ୍ତ କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ଦେବାକୁ ସେମାନେ ଦାବି କରିଛନ୍ତି। କିଛିଦିନ ତଳେ ହୋଇଥିବା ବର୍ଷାରେ ତୁମୁସିଙ୍ଗା ଗ୍ରାମ ପୋଖରୀ ସୁରକ୍ଷା ପାଚେରି ଭାଙ୍ଗିଯାଇଥିଲା। ଏବେ ଅରଖବାହାଳି ପୋଖରୀ ହୁଡ଼ା ଭୁଶୁଡ଼ିଯିବା ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାର କାର୍ଯ୍ୟକାରିତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଭାଗୀୟ ଅଧିକାରୀ ଏବଂ ଠିକାଦାରଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁ କୌଣସି କାର୍ଯ୍ୟ ଠିକ୍ ଭାବେ ହେଉ ନ ଥିବା କେତେଜଣ ଗ୍ରାମବାସୀ ନାମ ଗୋପନ ରଖି କହିଛନ୍ତି।

ଏ ସମ୍ପର୍କରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ କୁହନ୍ତି, ଗଣମାଧ୍ୟମରୁ ପୋଖରୀ ହୁଡ଼ା ଭାଙ୍ଗିଯାଇଥିବା ସୂଚନା ମିଳିଛି। ବିଡିଓଙ୍କ ଜରିଆରେ ତଦନ୍ତ କରାଯିବ। କ'ଣ ହୋଇଛି ବୁଝିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଟସର କାର୍ଯ୍ୟାଳୟରେ ପାଣି

ଲଘୁଚାପଜନିତ ବର୍ଷାରେ କାମାକ୍ଷାନଗର ଟସର କାର୍ଯ୍ୟାଳୟରେ ୫ ଫୁଟର ପାଣି ଜମିରହିଛି। ଫଳରେ ବିଭାଗୀୟ ଅଧିକାରୀ ଦେବଶ୍ରୀ ପ୍ରିୟଦର୍ଶିନୀ ଅଫିସ ବାହାରେ କାର୍ଯ୍ୟ କରିଥିବା ଦେଖିବାକୁ ମିଳିଥିଲା। ୫୩ନଂ. ଏନ୍‌ଏଚ୍‌ରେ ବାଇପାସ୍ ରାସ୍ତା ନିର୍ମାଣ ହେବା ପରେ କାର୍ଯ୍ୟାଳୟ ନିକଟରେ ବର୍ଷାପାଣି ନିଷ୍କାସନ ହେବାକୁ ଥିବା ଡ୍ରେନ୍ ବନ୍ଦ ହୋଇଯାଇଛି। ଫଳରେ ଅସରାଏ ବର୍ଷା ହେଲେ ଏଭଳି ଅବ୍ୟବସ୍ଥା ସୃଷ୍ଟି ହେଉଛି। ସମସ୍ୟା ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇବା ସତ୍ତ୍ୱେ ସୁଫଳ ମିଳୁ ନାହିଁ। ଫଳରେ କାର୍ଯ୍ୟାଳୟ ବାହାରେ ବର୍ଷାରେ ଭିଜି ଚାଷୀଙ୍କ କାମ କରିଥିବା ଅଧିକାରୀ ଦେବଶ୍ରୀ ପ୍ରିୟଦର୍ଶିନୀ କହିଛନ୍ତି। ଏ ନେଇ ଉପଜିଲାପାଳ ଧ୍ୟାନ ଦେବାକୁ ସାଧାରଣରେ ଦାବି ହେଉଛି।



# ଛାତ୍ରୀଙ୍କୁ ଅସଦାଚରଣ ମାମଲା: ଶିକ୍ଷକ ନିଲମ୍ବିତ

ପରଜଙ୍ଗ, ୧୮।୮ (ନିଗମାନନ୍ଦ ଦଳବେହେରା)



ଶିକ୍ଷକ ତ୍ରିନାଥ ବିଶ୍ୱାଳ।

ଜଣେ ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ କରିଥିବା ମାମଲାରେ ନିଲମ୍ବିତ ହୋଇଛନ୍ତି ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ଖଇରପଶି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ତ୍ରିନାଥ ବିଶ୍ୱାଳ। ବିଇଓ ହରିହର ଦେହୁରୀଙ୍କ ନିର୍ଦ୍ଦେଶରେ ଅଭିଯୁକ୍ତ ଶିକ୍ଷକଙ୍କ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

ଛାତ୍ରୀଙ୍କ ଅସଦାଚରଣ କରାଯାଇଥିବା ନେଇ ତାଙ୍କ ପରିବାର ପକ୍ଷରୁ ପରଜଙ୍ଗ ଥାନାରେ ଲିଖିତ ଅଭିଯୋଗ କରାଯିବା ପରେ ଏହି ଘଟଣାକୁ ଗୁରୁତର ସହ ନେଇଥିଲା ପୋଲିସ ଏବଂ ଶିକ୍ଷା ବିଭାଗ। ହିନ୍ଦୋଳ ଏସ୍‌ଡିପିଓ ଡି.ଆର୍. ଜେନା, ପରଜଙ୍ଗ ଆଇଆଇସି ପ୍ରଶାନ୍ତ କୁମାର ପାତ୍ର, ସାଆନ୍ଦା ଫାଣ୍ଡି ଅଧିକାରୀ ଜୋଶେଫ ପଟ୍ଟନାୟକ ପ୍ରମୁଖ ମିଳିତ ଭାବେ ଘଟଣାର ତଦାରଖ କରିଥିଲେ। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଆରମ୍ଭ ହୋଇଛି। ସତ୍ୟାସତ୍ୟ ଜଣାପଡ଼ିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ଡିପିଓ ସୂଚନା ଦେଇଛନ୍ତି। ଏ ସଂକ୍ରାନ୍ତରେ ବିଇଓ ଦେହୁରୀ କୁହନ୍ତି, ପଚରାଉଚରା ବେଳେ ସମ୍ପୃକ୍ତ ଶିକ୍ଷକ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ତେଣୁ ତାଙ୍କ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

ଅନ୍ୟପଟେ ଅସଦାଚରଣ ଅଭିଯୋଗକୁ ଅଭିଯୁକ୍ତ ଶିକ୍ଷକ ତ୍ରିନାଥ ଅସ୍ୱୀକାର କରିଛନ୍ତି। କୋଚିଂ ସେଣ୍ଟର ବିବାଦରୁ ଆକ୍ରୋଶ ରଖି ତାଙ୍କ ବିରୋଧରେ ଏଭଳି ମିଥ୍ୟାରୋପ କରାଯାଇଥିବା ସେ କହିଛନ୍ତି।

# ଆହାର କେନ୍ଦ୍ରରେ ଖାଇଲେ ଜିଲାପାଳ

କାମାକ୍ଷାନଗର, ୧୮।୮ (ସୁଧୀର ପରିଡ଼ା)

ଢେଙ୍କାନାଳ ଜିଲାପାଳ ସରୋଜ କୁମାର ସେଠୀ ଶୁକ୍ରବାର କାମାକ୍ଷାନଗର ଆହାର କେନ୍ଦ୍ର ପରିଦର୍ଶନ କରି ଖାଦ୍ୟର ମାନ ଯାଞ୍ଚ କରିବା ସହ ମଧ୍ୟାହ୍ନଭୋଜନ କରିଛନ୍ତି। ପରଜଙ୍ଗରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର, ଉପଜିଲାପାଳ ନାରାୟଣ ଚନ୍ଦ୍ର ନାୟକ, ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଜିଲାପାଳ ଆହାର କେନ୍ଦ୍ରରେ ପହଞ୍ଚିଥିଲେ। ସେଠାରେ ସମସ୍ତଙ୍କୁ ଭୋଜନ କରାଇଥିଲେ। ମା' ମହାଲକ୍ଷ୍ମୀ ଏସ୍‌ଏଚ୍‌ଜି ଦ୍ୱାରା ପରିଚାଳିତ ଏହି ଆହାର କେନ୍ଦ୍ର ପରିସରରେ ଖାଦ୍ୟରମାନ ଉଚ୍ଚକୋଟୀର ବୋଲି ଜିଲାପାଳ ହୃଦୟଙ୍ଗମ କରିବା ସହ ସନ୍ତୋଷ ବ୍ୟକ୍ତ କରିଛନ୍ତି। ହିତାଧିକାରୀଙ୍କ ପାଇଁ ଆବଶ୍ୟକ ଟେବୁଲ ରଖିବା, ବେସିନ ଏବଂ ଆଖପାଖ ଅଞ୍ଚଳକୁ ସଫା ରଖିବାକୁ ସେ ପରାମର୍ଶ ଦେଇଛନ୍ତି। ସିଟି ମିଶନ ମ୍ୟାନେଜର ମନୋଜ କୁମାର ହାତୀ, ଜିଲା ସହରାଞ୍ଚଳ ବିକାଶ ସଂସ୍ଥା ତୁଡାର ଟିମ ମ୍ୟାନେଜର ଜିତେନ୍ଦ୍ର କୁମାର ସାହୁ, ଏସ୍‌ଏଚ୍‌ଜି ସଭାନେତ୍ରୀ ଟୁନା ରାଉଳ, ସମ୍ପାଦିକା ସୀମା ନାଥ ପ୍ରମୁଖ ଉପସ୍ଥିତ ଥିଲେ।



ଆହାର କେନ୍ଦ୍ରରେ ଜିଲାପାଳଙ୍କ ସମେତ ଅନ୍ୟମାନେ।

# ୩୩୨ ଶ୍ରମିକଙ୍କୁ ୧୦୦ ଦିନର କାମ



ଶିବିରରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ଏବଂ ଜନପ୍ରତିନିଧିମାନେ।

ଭୁବନ, ୧୮।୮ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଗୁରୁବାର ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଓ ପଞ୍ଚଦଶ ଅର୍ଥ ଆୟୋଗ ଯୋଜନାର ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। କାମାକ୍ଷାନଗର ଅତିରିକ୍ତ ଜିଲାପାଳ ମଦନ ମୋହନ ଜେନା ଏଥିରେ ଅଧ୍ୟକ୍ଷତା କରିଥିଲେ। ୨୦୨୨-୨୩ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ ହୋଇଥିବା ପ୍ରକଳ୍ପ କାର୍ଯ୍ୟ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରାଯାଇଥିଲା। ଏହି ସମୟ ଅବଧି ମଧ୍ୟରେ ୫ କୋଟି ୫ ଲକ୍ଷ ୧୧ ହଜାର ଟଙ୍କାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ହୋଇଛି। ମୋଟ ୧ ଲକ୍ଷ ୭୦ ହଜାର ୫୮୦ ଶ୍ରମ ଦିବସ ସୃଷ୍ଟି ହୋଇଛି। ୩୩୨ ଶ୍ରମିକ ୧୦୦ ଦିନର କାର୍ଯ୍ୟ ଶେଷ କରିଥିବା ସୂଚନା ଦିଆଯାଇଥିଲା। ଏଥିସହ ୨୦୨୩-୨୪ ଆର୍ଥିକ ବର୍ଷ ଲାଗି ହେବାକୁ ଥିବା କାମର ବ୍ୟୟବରାଦ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବ୍ଲକ ଅଧ୍ୟକ୍ଷା ସିପ୍ରା ବରାଳ, ଉପାଧ୍ୟକ୍ଷା ସରୋଜିନୀ ଦ୍ୱିବେଦୀ, ଆକାଉଣ୍ଟ ଅଫିସର ପ୍ରଶାନ୍ତ ବିଶ୍ୱାଳ, ଢେଙ୍କାନାଳ ଲୋକପାଳ ଅମରେନ୍ଦ୍ର ମଲ୍ଲ, ଜିଲା ସାମାଜିକ ସମୀକ୍ଷକ ସରୋଜ ଗଡ଼ନାୟକ, ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ପ୍ରିୟଦର୍ଶିନୀ ଦାଶ, ୧୮ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ଜିଲା ପରିଷଦ ସଭ୍ୟ, ପିଇଓ, ସାମାଜିକ ସମୀକ୍ଷା କମିଟି ସଦସ୍ୟଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ ଜବ୍‌କାର୍ଡଧାରୀ ଉପସ୍ଥିତ ଥିଲେ।

# ବ୍ଲକ ଘେରିଲା କଂଗ୍ରେସ



ସଦର ବ୍ଲକ ଘେରାଉ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା କଂଗ୍ରେସ ନେତୃବୃନ୍ଦ।

ଢେଙ୍କାନାଳ/କାମାକ୍ଷାନଗର/ପରଜଙ୍ଗ, ୧୮।୮ (ରତନ ନାୟାର/ସୁଧୀର ପରିଡ଼ା/ଅମଜାଦ୍ ଖାନ୍/ ନିଗମାନନ୍ଦ ଦଳବେହେରା)

ପ୍ରଦେଶ କଂଗ୍ରେସ କମିଟିର ଆହ୍ୱାନକ୍ରମେ ଶୁକ୍ରବାର ଢେଙ୍କାନାଳ ଜିଲାର ବିଭିନ୍ନ ବ୍ଲକ କାର୍ଯ୍ୟାଳୟ ଘେରାଉ କରିଛି ଦଳ। ଅତ୍ୟାବଶ୍ୟକ ସାମଗ୍ରୀର ଅହେତୁକ ମୂଲ୍ୟବୃଦ୍ଧି, ବିକାଶମୂଳକ କାର୍ଯ୍ୟରେ ପିସି କାରବାର, ଆବାସ ଯୋଜନାରେ ଦୁର୍ନୀତି, ବେକାରି ସମସ୍ୟା, ନାରୀ ନିର୍ଯାତନା, ଚାଷୀମାରଣ ନୀତି, ବିଦ୍ୟୁତ୍ ବିତରଣ କମ୍ପାନୀର ଗ୍ରାହକ ଶୋଷଣ, ଖାଲି ପଡ଼ିଥିବା ପଦବୀ ପୂରଣ ଭଳି ୯ ପ୍ରସଙ୍ଗରେ ଦଳୀୟ କର୍ମକର୍ତ୍ତାମାନେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଭର୍ତ୍ସନା କରିଥିଲେ। ଏହି ଅବସରରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି।

ଢେଙ୍କାନାଳ ଜିଲା ସଭାପତି ସରୋଜ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ସଦର ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ନିର୍ମଳ ମିଶ୍ର, ପ୍ରେମଶଙ୍କର ମିଶ୍ର, ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ସୁନୀଲ ଦାଶ, ଡା. ତୁଷାରକାନ୍ତି ନାୟକ, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ସ୍ମିତାରାଣୀ ସାମଲଙ୍କ ସମେତ ବହୁ ସଂଖ୍ୟାରେ ନେତୃବୃନ୍ଦ ଉପସ୍ଥିତ ଥିଲେ। ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।

କାମାକ୍ଷାନଗରରେ ଜିଲା କୃଷକ କଂଗ୍ରେସ ସଭାପତି ବିପ୍ରବର ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ବିକ୍ଷୋଭ କାର୍ଯ୍ୟକ୍ରମରେ ଜିଲା କଂଗ୍ରେସ ସମ୍ପାଦକ କାମାକ୍ଷା ପ୍ରସାଦ ପଣ୍ଡା, ପୂର୍ବତନ ନଗର କଂଗ୍ରେସ ସଭାପତି ଦୁଃଶାସନ ସାହୁ, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ସଞ୍ଜୀବ ବେହେରା ସାମିଲ ହୋଇଥିଲେ। ବିଡିଓଙ୍କ ଅନୁପସ୍ଥିତିରେ ଏବିଡିଓ ଝରଣା ସାମଲ ଦାବିପତ୍ର ଗ୍ରହଣ କରିଥିଲେ। କଙ୍କଡ଼ାହାଡ଼ରେ ଜିଲା କଂଗ୍ରେସ ଉପସଭାପତି ରଞ୍ଜିତ ସାହୁଙ୍କ ନେତୃତ୍ୱରେ ହୋଇଥିବା ବ୍ଲକ ଘେରାଉ କାର୍ଯ୍ୟକ୍ରମରେ ବ୍ଲକ ସଭାପତି ଧନେଶ୍ୱର ସାହୁ, ସମ୍ପାଦକ ଧୀରେନ ଜେନା, ସହସମ୍ପାଦକ ନଗେଶ ଚନ୍ଦ୍ର ପଣ୍ଡା, ଆଦିବାସୀ ନେତା ତୀର୍ଥବାସୀ ଦେହୁରୀଙ୍କ ସମେତ ଶତାଧିକ କର୍ମୀ ଯୋଗଦେଇଥିଲେ। ଏବିଡିଓ ହରେକୃଷ୍ଣ ନାୟକଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ପରଜଙ୍ଗରେ ବ୍ଲକ କଂଗ୍ରେସ ସଭାପତି ନଗେନ ବିନାୟକଙ୍କ ନେତୃତ୍ୱରେ ବ୍ଲକ ଘେରାଉ କରାଯାଇଥିଲା। ଆକାଉଣ୍ଟ ଅଫିସର ଅଂଶୁମାନ ମହାପାତ୍ରଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଇଥିଲା। ବହୁସଂଖ୍ୟାରେ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।



କାମାକ୍ଷାନଗର ବ୍ଲକ ଘେରାଉ କାର୍ଯ୍ୟକ୍ରମରେ କଂଗ୍ରେସ କର୍ମକର୍ତ୍ତାମାନେ।



ପରଜଙ୍ଗରେ ଆକାଉଣ୍ଟ ଅଫିସରଙ୍କୁ ଦଳ ପକ୍ଷରୁ ଦାବିପତ୍ର ଦିଆଯାଉଛି।

## ହାତୀ ଉପଦ୍ରବ, ଗାଁ ଲୋକେ ଭୟଭୀତ

ଅନୁଗୋଳ,(ଅମିତ କୁମାର ସାମଲ): ଅନୁଗୋଳ ବ୍ଲକ ଶାବଳଭଙ୍ଗା ଗ୍ରାମର ମାଣପୁରୁ ସାହିରେ ଶୁକ୍ରବାର ଏକ ଗୋଠଛଡା ହାତୀ ବ୍ୟାପକ କ୍ଷୟକ୍ଷତି ଘଟାଇଛି। ଫଳରେ ଗ୍ରାମବାସୀ ଭୟଭୀତ ହୋଇପଡ଼ିଛନ୍ତି। ଉକ୍ତ ହାତୀ ଗୌରଚନ୍ଦ୍ର ପ୍ରଧାନ, କନ୍ଦର୍ପ ସାହୁ, ଦୟା ସାହୁଙ୍କ ଫସଲ ନଷ୍ଟ କରିଥିବା ବେଳେ କନ୍ଦର୍ପ ସାହୁଙ୍କ ଗୁହାଳ ଘର ଭାଙ୍ଗି ଦେଇଛି। ସନ୍ଧ୍ୟାରେ ଉକ୍ତ ହାତୀ ଶ୍ୟାମସୁନ୍ଦରପୁର ପ୍ରାଥମିକ ସ୍କୁଲ ନିକଟରେ ରହିଥିବା ଦେଖିବାକୁ ମିଳିଛି। ବନ ଅଧିକାରୀ ହରମୋହନ ପ୍ରଧାନ କହିଛନ୍ତି, ହାତୀ ଉପରେ ନଜର ରଖାଯାଇଛି। ରାତି ସୁଦ୍ଧା ହାତୀଟିକୁ ଜଙ୍ଗଲ ମଧ୍ୟକୁ ଘଉଡାଇ ଦିଆଯିବ।

**ସଂକ୍ଷେପରେ**

## ନିଖୋଜ ନାବାଳକ ଷ୍ଟେଶନରୁ ଉଦ୍ଧାର

ଅନୁଗୋଳ,୧୮।୮(ଅମିତ କୁମାର ସାମଲ)

ଅନୁଗୋଳ ଜିଲା ତାଳଚେର ରେଳ ଷ୍ଟେଶନରୁ ଏକ ନାବାଳକଙ୍କୁ ଉଦ୍ଧାର କରି ତାଳଚେର ଆରପିଏଫ୍ ଚାଇଲ୍ଡ ଲାଇନକୁ ହସ୍ତାନ୍ତର କରିଛି। ରାଉରକେଲାର ସମ୍ପୃକ୍ତ ୧୬ ବର୍ଷୀୟ ନାବାଳକ ରାଜଗାଙ୍ଗପୁର ଷ୍ଟେଶନରୁ ଟ୍ରେନ୍‌ରେ ପଳାଇ ଆସିଥିବା ଖବରପାଇ ତାଳଚେର ଆର୍‌ପିଏଫ୍ ଅନୁସନ୍ଧାନ ଜାରି ରଖିଥିବା ବେଳେ ତପସ୍ୱିନୀ ଏକ୍ସପ୍ରେସରୁ ତାଙ୍କୁ ଉଦ୍ଧାର କରାଯାଇଥିଲା। ଏହାପରେ ଆର୍‌ପିଏଫ୍ ପକ୍ଷରୁ ଅନୁଗୋଳ ଚାଇଲ୍ଡଲାଇନକୁ ଯୋଗାଯୋଗ କରାଯାଇଥିଲା। ଚାଇଲ୍ଡଲାଇନ କାଉନସିଲର ଦିଗବିଜୟ ସାହୁ ସେଠାରେ ପହଞ୍ଚି ନାବାଳକଙ୍କୁ ଆଣି ଜିଲା ଶିଶୁ ମଙ୍ଗଳ ସମିତିରେ ହାଜର କରିଥିଲେ। ପରିବାର ଲୋକେ ଆସିବା ପରେ ନାବାଳକଙ୍କୁ ହସ୍ତାନ୍ତର କରାଯାଇଥିଲା। ସୂଚନା ଅନୁଯାୟୀ, ପାରିବାରିକ ସମସ୍ୟା ଯୋଗୁ ସମ୍ପୃକ୍ତ ନାବାଳକ ଘର ଛାଡ଼ି ପଳାଇ ଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରି ନ ପାଇବାରୁ ନିକଟସ୍ଥ ରେଳ ଷ୍ଟେଶନରେ ଆର୍‌ପିଏଫ୍‌କୁ ପୁଅ ନିଖୋଜ ସମ୍ପର୍କରେ ଜଣାଇଥିଲେ।

# ରାଜ୍ୟ ସରକାରଙ୍କ ବିରୋଧରେ ଗର୍ଜିଲା କଂଗ୍ରେସ

ଅନୁଗୋଳ,୧୮।୮(ଅମିତ କୁମାର ସାମଲ), ତାଳଚେର (ମନୋଜ ନନ୍ଦ), ଆଠମଲ୍ଲିକ (ଉଦୀପ୍ତ ପୁରୋହିତ), ଛେଣ୍ଡିପଦା (ଅଜିତ ଧଳ), କଣିହାଁ (ସଚ୍ଚିଦାନନ୍ଦ ପ୍ରଧାନ), ବଇଣ୍ଡା (ପରିକ୍ଷିତ ସାହୁ), ବଅାଁରପାଳ (ଉପେନ୍ଦ୍ର ରାଉତ)



ଅନୁଗୋଳ ବ୍ଲକ କଂଗ୍ରେସ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

ରାଜ୍ୟରେ ଚାଲିଥିବା ପିସି କାରବାର, ଅହେତୁକ ଦରବୃଦ୍ଧି, ବେରୋଜଗାର, ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଶୋଷଣ ଏବଂ ନାରୀ ନିର୍ଯାତନାର ପ୍ରତିବାଦରେ ଶୁକ୍ରବାର ଅନୁଗୋଳ ବ୍ଲକ କଂଗ୍ରେସ ପକ୍ଷରୁ ବ୍ଲକ ଘେରାଉ କରାଯାଇଥିଲା। ବ୍ଲକ କଂଗ୍ରେସ ସଭାପତି ଆଡଭୋକେଟ ଅମୂଲ୍ୟ କୁମାର ବେହେରାଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ଏହି ଘେରାଉରେ ସାମିଲ ହୋଇଥିଲେ। ଜିଲା କଂଗ୍ରେସ ସଭାପତି ସଂଗ୍ରାମ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଶା ସରକାରଙ୍କ ମନମୁଖି କାର୍ଯ୍ୟକୁ ଘୋର ବିରୋଧ କରିଥିଲେ। ଶେଷରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅମ୍ବିକା ପ୍ରସାଦ ଭଞ୍ଜ, ପିସିସି ସମ୍ପାଦକ ଟିକନ ବେହେରା, ଜୟନ୍ତ ସାହୁ, ଚିତ୍ତ ରଞ୍ଜନ ନାଏକ, ପ୍ରବୋଧ ସ୍ୱାଇଁ, ଧର୍ମେନ୍ଦ୍ର ନାଥ ମିଶ୍ର, ନୀଳକଣ୍ଠ ନାଏକ, ଗୋପାଳ ନାଥ, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ତପସ୍ୱିନୀ ବିଶ୍ୱାଳ, ଜିଲା ଯୁବ କଂଗ୍ରେସ ସଭାପତି ଲୁଲୁ ପାଣିଗ୍ରାହୀ, ଟାଉନ କଂଗ୍ରେସ ସଭାପତି ସୁଦୀପ ମିଶ୍ର, ଟାଉନ ମହିଳା କଂଗ୍ରେସ ସଭାନେତ୍ରୀ, ବଳବୀର ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ତାଳଚେର ବ୍ଲକ କଂଗ୍ରେସ ସଭାପତି ଜ୍ଞାନ ରଞ୍ଜନ ପାଣିଙ୍କ ନେତୃତ୍ୱରେ ତାଳଚେର ବ୍ଲକ ଘେରାଉ କରାଯାଇଥିଲା। ଏଥିରେ ବରିଷ୍ଠ ନେତା ପ୍ରଫୁଲ୍ଲ ଦାସ, ଦିଗାମ୍ବର ଗଡ଼ନାୟକ, ରାଜ କିଶୋର ସାହୁ, ବଳରାମ ବେହେରା ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ଆଠମଲ୍ଲିକ ବ୍ଲକ କଂଗ୍ରେସ ତରଫରୁ ବ୍ଲକ ଘେରାଉ କରାଯାଇଥିଲା। ପିସିସି ସମ୍ପାଦକ ବିଜୟନନ୍ଦ ଚାଉଳିଆ, ନଗର କଂଗ୍ରେସ କମିଟି ସଭାପତି କମଳାକାନ୍ତ ପ୍ରଧାନ, ପ୍ରଦୀପ ପ୍ରଧାନ, ଗୌରାଙ୍ଗ ଖୁଣ୍ଟିଆ, ଭାଗବାନ ସାହୁ, ସିଦ୍ଧେଶ୍ୱର ସାହୁ, ସରପଞ୍ଚ ସିଦ୍ଧାର୍ଥ କ୍ଷେତି, ଅନିଲ ପାଣିଗ୍ରାହୀ, ବଳଦେବ ମହାପାତ୍ର, ଶତ୍ରୁଘ୍ନ ସାହୁ ପ୍ରମୁଖ ଏଥିରେ ସାମିଲ ଥିଲେ । ସେହିପରି ଛେଣ୍ଡିପଦା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବ୍ଲକ କଂଗ୍ରେସ ପକ୍ଷରୁ ଧାରଣା ଦିଆଯାଇଥିଲା। ବ୍ଲକ କଂଗ୍ରେସ ସଭାପତି କୃତାର୍ଥ ଦେହୁରୀଙ୍କ ନେତୃତ୍ୱରେ ଅଶୋକ କୁମାର ପ୍ରଧାନ, ସୁନୀଲ କୁମାର ସାହୁ, ନିରଞ୍ଜନ ମାଝି, ଜିତେନ୍ଦ୍ର କୁମାର ସାହୁ, ଜୀବନ ସାହୁ, ଅଜୟ କୁମାର ବେହେରା, ଡିଲେଶ୍ୱର ସେଠୀ, କୁଶଧ୍ୱଜ ସାହୁ, ବ୍ରଜ ନାଥ, ଉଦୟନାଥ ବେହେରା, ପୀତବାସ ଦେହୁରୀ, ଜିତେନ୍ଦ୍ର କୁମାର ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ। ସେହିପରି କଣିହାଁ ବ୍ଲକ କଂଗ୍ରେସ କମିଟି ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ବ୍ଲକ ସଭାପତି ଶଶିକାନ୍ତ ସାମଲଙ୍କ ନେତୃତ୍ୱରେ ଫକୀର ମୋହନ ସାମଲ, ଦେବଦତ୍ତ ପ୍ରସାଦ ପ୍ରଧାନ, ଶିବରାମ ଦାସ, ଶ୍ରୀନିବାସ ପ୍ରଧାନ, ଗଦାଧର ସାହୁ, ପ୍ରତାପ ରଞ୍ଜନ ଶତପଥୀ, ସୁଲୋଚନା ସାହୁ ପ୍ରମୁଖ ଯୋଗଦେଇଥିଲେ। ସେହିପରି କିଶୋରନଗର ବ୍ଲକ କଂଗ୍ରେସ ପକ୍ଷରୁ ବ୍ଲକ ଘେରାଉ କରାଯାଇଥିଲା। କଂଗ୍ରେସ ନେତା ଲବ ବେହେରାଙ୍କ ନେତୃତ୍ୱରେ ବିଜୟାନନ୍ଦ ଚାଉଳିଆ, ଅଶୋକ ପ୍ରଧାନ, ବାବୁ ପ୍ରଧାନ, ସୁଧାଂଶୁ ପ୍ରଧାନଙ୍କ ସମେତ ବହୁ ନେତା ଯୋଗ ଦେଇଥିଲେ। ଶେଷରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ସେହିପରି ବଅାଁରପାଳ ବ୍ଲକ କଂଗ୍ରେସ ପକ୍ଷରୁ ବ୍ଲକ ଘେରାଉ କରାଯାଇଥିଲା। ବ୍ଲକ ପୂର୍ବତନ ସଭାପତି ଓ ଉପସଭାପତି, ପୂର୍ବତନ ଅନୁଗୋଳ ଜିଲାର ସମ୍ପାଦକ, ସଭ୍ୟ ଦୁଷ୍ମନ୍ତ ଦଳବେହେରା, ବିନୋଦ ମାଝି, କୃଷ୍ଣଚନ୍ଦ୍ର ଦେହୁରୀ, ସୌମେନ୍ଦ୍ର ଦେହୁରୀ, ଅଭୟ ଦଳବେହେରା, ସୁଭାସ ମହାପାତ୍ର, ଅର୍ଜୁନ ଦେହୁରୀ, ସୁଶାନ୍ତ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

## ଜବରଦଖଲ ଚିହ୍ନଟ କରିବେ କାଉନସିଲର

ଅନୁଗୋଳ, ୧୮।୮ (ଅମିତ କୁମାର ସାମଲ)

ଅନୁଗୋଳ ପୌରାଧ୍ୟକ୍ଷ ଅକ୍ଷୟ କୁମାର ସାମନ୍ତଙ୍କ ନେତୃତ୍ୱରେ କାଉନସିଲରମାନେ ଶୁକ୍ରବାର ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କୁ ଭେଟି ସହରରେ ଥିବା ସମସ୍ୟା ଉପରେ ଆଲୋଚନା କରିଥିଲେ। ସହରରେ ଅଧିକ ଉନ୍ନୟନ କାର୍ଯ୍ୟ କରିବାକୁ ଜିଲାପାଳଙ୍କୁ ପ୍ରସ୍ତାବ ଦେଇଥିଲେ। ଶୈଳଶ୍ରୀକ୍ଷେତ୍ର ଓ ମା' ବୁଢ଼ୀ ଠାକୁରାଣୀ ପୀଠର ବିକାଶ ପାଇଁ ୫୫ ଲକ୍ଷ ଟଙ୍କା ଅଧିକ ଆଣିପାରିଥିବାରୁ ଜିଲାପାଳଙ୍କୁ ଧନ୍ୟବାଦ ଜଣାଇଥିଲେ।

କାଉନସିଲରମାନେ କହିଥିଲେ ଯେ, ସହରର ସମସ୍ତ ୱାର୍ଡରେ ପାଣି ମାହାରା(ଡ୍ରେନ୍) ଉପରେ ଜବରଦଖଲ ହୋଇଛି। ଫଳରେ ଡ୍ରେନ୍ ସଫେଇ ବ୍ୟାହତ ହୋଇପାରୁ ନାହିଁ। ବର୍ଷା ହେଲେ ବଜାର ଛକରୁ ଗାନ୍ଧୀମାର୍ଗ ଛକ ପର୍ଯ୍ୟନ୍ତ ପାଣି ଉଚ୍ଛୁଳୁଛି। ତେଣୁ ସମସ୍ୟାର ସମାଧାନ କରାଯାଉ ବୋଲି ସେମାନେ ଦାବି କରିଥିଲେ। ସେହିପରି ଜାଗା ମିଶନ୍‌ରେ କିପରି ବସ୍ତିବାସିନ୍ଦାମାନଙ୍କୁ ଜାଗା ମିଳିପାରିବ ସେ ସମ୍ପର୍କରେ କାଉନସିଲରମାନେ ଜିଲାପାଳଙ୍କୁ ଅବଗତ କରିଥିଲେ। ଏହାପରେ ଜିଲାପାଳ ସହରରୁ ପାଣି ନିଷ୍କାସନ ପାଇଁ ହୋଇଥିବା ୭ଟି ଡ୍ରେନ୍‌ର ମାଷ୍ଟର ପ୍ଲାନ୍ ଦେଖାଇଥିଲେ। ଏଥିସହ କାଉନସିଲରମାନଙ୍କୁ ସରକାରୀ ଜାଗା ଚିହ୍ନଟ ସହ ଡ୍ରେନ୍ ଉପରୁ ଜବରଦଖଲକାରୀଙ୍କୁ ଉଠିଯିବାକୁ କୁହନ୍ତୁ ବୋଲି କହିଥିଲେ। ଯଦି ଜବରଦଖଲକାରୀ କାଉନସିଲରଙ୍କ କଥାକୁ କର୍ଣ୍ଣପାତ ନ କରନ୍ତି, ତେବେ ପ୍ରଶାସନ ସହଯୋଗରେ ଉଚ୍ଛେଦ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ।



କାଉନସିଲରମାନେ ଜିଲାପାଳଙ୍କୁ ଭେଟୁଛନ୍ତି।

## ପରିବେଶ ପ୍ରଭାବ ଆକଳନ ପାଇଁ ସ୍ମାରକପତ୍ର



ଢେଙ୍କାନାଳ ଏମ୍‌ପିଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

ତାଳଚେର,୧୮।୮(ମନୋଜ ନନ୍ଦ)

୧୦୦ ବର୍ଷର କୋଇଲା ଖଣି ଓ କୋଇଲା ଭିତ୍ତିକ ଶିଳ୍ପ ପାଇଁ ତାଳଚେର ଅଞ୍ଚଳର ପରିବେଶ, ପ୍ରାକୃତିକ ଜଙ୍ଗଲ ଓ ବନ୍ୟ ଜୀବଜନ୍ତୁ ସହ ବ୍ରାହ୍ମଣୀ ନଦୀ ଉପରେ ଘୋର ପ୍ରଭାବ ପଡିଛି। ବାୟୁ ମଧ୍ୟ ପ୍ରଦୂଷିତ ହେଉଛି। ଏଣୁ ତାଳଚେର ଉପଖଣ୍ଡର ପରିବେଶ ପ୍ରଭାବ ଆକଳନ କରିବା ସହ ବ୍ରାହ୍ମଣୀ ଆକ୍ସନ ପ୍ଲାନ ନିମନ୍ତେ ଆଇନଜୀବୀ ତଥା ପରିବେଶବିତ୍ ବାଉରୀବନ୍ଧୁ ବେଜ ଦାବି କରିଛନ୍ତି। ଏ ନେଇ ସେ ହାଟତୋଟା ଠାରେ ଢେଙ୍କାନାଳ ଏମ୍‌ପି ମହେଶ ସାହୁଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଉକ୍ତ ସ୍ମାରକପତ୍ର ପ୍ରଦାନ ବେଳେ ପ୍ରିୟମାଧବ ଦାସ ଓ ବିଜୟ କୁମାର ଦେବତା ଉପସ୍ଥିତ ଥିଲେ। ଭାରତ ସରକାରଙ୍କ ପରିବେଶ କମିଟିରେ ଏହି ବିଷୟ ଉପସ୍ଥାପନ କରିବା ପାଇଁ ଏମ୍‌ପି ସାହୁ ପରିବେଶବିତ୍ ବେଜ୍‌ଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

# ଶପଥ ନେଲେ ଜିଲା କାର୍ଯ୍ୟାଳୟ କର୍ମଚାରୀ

ଅନୁଗୋଳ,୧୮।୮(ଅମିତ କୁମାର ସାମଲ)

ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଜନ୍ମ ବାର୍ଷିକୀ ଅଗଷ୍ଟ ୨୦କୁ ସଦ୍‌ଭାବନା ଦିବସ ତଥା ଏକତାର ଦିବସ ଭାବେ ପ୍ରତିବର୍ଷ ପାଳନ କରାଯାଇ ଆସୁଛି। ତେବେ ଆସନ୍ତା ୨୦ ତାରିଖ ରବିବାର ପଡୁଥିବାରୁ ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ ଶୁକ୍ରବାର ଏହି ସଦ୍‌ଭାବନା ଦିବସ ପାଳନ କରାଯାଇଥିଲା। ଏହି ଉପଲକ୍ଷେ ପୂର୍ବାହ୍ନରେ ଜିଲା କାର୍ଯ୍ୟାଳୟ ବାରଣ୍ଡାରେ ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସମସ୍ତ କର୍ମଚାରୀଙ୍କୁ ନେଇ ଏକ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜାତି, ଧର୍ମ, ସମ୍ପ୍ରଦାୟ, ଭାଷା ଓ ଅଞ୍ଚଳ ନିର୍ବିଶେଷରେ ସମସ୍ତେ ଭାରତୀୟ। ହିଂସାର ପଥ ଅନୁସରଣ ନ କରି ସମସ୍ତ ପ୍ରକାର ଭେଦଭାବ ଭୁଲି ସାମ୍ବିଧାନିକ ମାଧ୍ୟମରେ ବୁଝାମଣା କରିବାକୁ ନେଇ ଶପଥ ପାଠ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ଇଷାନୀ ପଣ୍ଡା, ଡେପୁଟି କଲେକ୍ଟର ମଧୁସ୍ମିତା ବିଶିଙ୍କ ସମେତ ଜିଲା କାର୍ଯ୍ୟାଳୟ ଓ ଉପଜିଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀମାନେ ଯୋଗଦେଇ ଶପଥ ପାଠ କରିଥିଲେ।



ଜିଲା କାର୍ଯ୍ୟାଳୟର କର୍ମଚାରୀମାନେ ଶପଥ ପାଠ କରୁଛନ୍ତି।

## କଙ୍କିଳି ପଞ୍ଚାୟତ ସମ୍ମୁଖରେ ବିକ୍ଷୋଭ




ତାଳଚେର,୧୮।୮(ମନୋଜ ନନ୍ଦ)

ତାଳଚେର ବ୍ଲକର କଙ୍କିଳି ପଞ୍ଚାୟତ ଅଫିସ ମୁଖ୍ୟ ଫାଟକ ସମ୍ମୁଖରେ ଶୁକ୍ରବାର ଭାଜପା ପକ୍ଷରୁ କ୍ଷୁଦ୍ର ଶିଳ୍ପ ନିଗମ ନିର୍ଦ୍ଦେଶକ କାଳନ୍ଦୀ ସାମଲଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କେନ୍ଦ୍ର ସରକାର ବିଭିନ୍ନ ଜନ କଲ୍ୟାଣ ଯୋଜନାରେ ଓଡ଼ିଶାକୁ ବିପୁଳ ଅର୍ଥ ଦେଉଥିବା ବେଳେ ତାହା ଲୋକଙ୍କ ପାଖରେ ଠିକ୍ ଭାବରେ ପହଞ୍ଚି ପାରୁ ନ ଥିବା ଭାଜପା ନେତା ସାମଲ ଅଭିଯୋଗ କରିଛନ୍ତି। ଏଥିସହ ତାଳଚେର ବ୍ଲକର ପ୍ରତି ପଞ୍ଚାୟତରେ ପିସି କାରବାର ଓ ଦୁର୍ନୀତି ଚାଲିଥିବା ସେ କହିଛନ୍ତି। ମଣ୍ଡଳ ସଭାପତି ନରେଶ ଚନ୍ଦ୍ର ବେହେରାଙ୍କ ଆବାହକତ୍ୱରେ ଅନୁଷ୍ଠିତ ବିକ୍ଷୋଭ କାର୍ଯ୍ୟକ୍ରମରେ ଜିଲା ମିଡିଆ ସେଲ୍ ଅଧ୍ୟକ୍ଷ ପର୍ଶୁରାମ ବାରିକ, ମଣ୍ଡଳ ଉପ ସଭାପତି ନରେଶ ଚନ୍ଦ୍ର ଦାସ, ସାଧାରଣ ସମ୍ପାଦକ ଖଇରା ପ୍ରଧାନ, ସୁଶାନ୍ତ ପ୍ରଧାନ, ହେମନ୍ତ ଘଡେଇ, ଅଜୟ ସାହୁ, ଯୁବମୋର୍ଚ୍ଚା ମଣ୍ଡଳ ସଭାପତି ଦିବ୍ୟରଞ୍ଜନ ଦାସ, ସୌମ୍ୟକାନ୍ତ ଶତପଥୀଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ବିସ୍ଥାପିତ କରିବାକୁ ଦାବି

ଅନୁଗୋଳ,୧୮।୮ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟ ଅଞ୍ଚଳରେ ଥିବା ଗୋପାଳପୁର ଗ୍ରାମର କେତେକ ପରିବାର ଶୁକ୍ରବାର ଡିଏଫ୍‌ଓଙ୍କ କାର୍ଯ୍ୟାଳୟ ଦ୍ୱାରସ୍ଥ ହୋଇଥିଲେ। ସେମାନେ କହିଥିଲେ, ସାତକୋଶିଆ ଅଭୟାରଣ୍ୟ ଅଞ୍ଚଳରେ ଥିବା କେତୋଟି ଗ୍ରାମକୁ ବିସ୍ଥାପିତ କରାଯାଉଛି। ସେଥିମଧ୍ୟରୁ ଗୋପାଳପୁର ଗ୍ରାମକୁ ବିସ୍ଥାପିତ ପାଇଁ ସମସ୍ତ କାଗଜପତ୍ର ହୋଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନାହିଁ। ତେଣୁ ତୁରନ୍ତ ସେମାନଙ୍କୁ ବିସ୍ଥାପିତ କରାଯାଉ ବୋଲି ଗୋପାଳପୁର ଗ୍ରାମର ସମ୍ପୃକ୍ତ ପରିବାର ଲୋକେ ଡିଏଫ୍‌ଓଙ୍କ ନିକଟରେ ଦାବି କରିଥିଲେ।



ଡିଏଫ୍‌ଓଙ୍କୁ ଭେଟିବାକୁ ଆସିଥିବା ଗୋପାଳପୁର ଗ୍ରାମର କେତେକ ପରିବାର।

# ଜାଗା ମିଶନରେ ପଟ୍ଟା ଦିଆଯାଉ



ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ୧୫ନଂ. ୱାର୍ଡର ମହିଳା ପୁରୁଷମାନେ।

ଅନୁଗୋଳ,୧୮।୮ (ଅମିତ କୁମାର ସାମଲ)

ଅନୁଗୋଳ ସହର ରାଧାରମଣପଡ଼ାର ମହିଳା ପୁରୁଷମାନେ ଗୁରୁବାର ଜିଲାପାଳଙ୍କ ଦ୍ୱାରସ୍ଥ ହେଇଛନ୍ତି। ସେମାନଙ୍କୁ ଜାଗା ମିଶନରେ ସାମିଲ କରି ପଟ୍ଟା ପ୍ରଦାନ କରିବାକୁ ସେମାନେ ଦାବି କରିଛନ୍ତି। ୱାର୍ଡବାସୀ କହିଛନ୍ତି, ଅନୁଗୋଳ ପୌରପାଳିକାର ସମସ୍ତ ୱାର୍ଡକୁ ଜାଗା ମିଶନରେ ସାମିଲ କରାଯାଇଛି। ମାତ୍ର ୱାର୍ଡ ନଂ. ୧୫ ରାଧାରମଣପଡ଼ାର କିଛି ଅଂଶକୁ ଅନ୍ତର୍ଭୁକ୍ତ କରାଯାଇନାହିଁ। ରାଧାରମଣପଡ଼ା ବସ୍ତିରେ ପ୍ରାୟ ୨୫୦୦ ଲୋକ ୩୦ ବର୍ଷ ହେଲା ବସବାସ କରୁଥିଲେ ହେଁ ବହୁ ଯୋଗ୍ୟ ହିତାଧିକାରୀଙ୍କୁ ଜାଗା ମିଶନଙ୍କୁ ବାଦ ଦିଆଯାଇଛି। ଏହାକୁ ବିରୋଧ କରି ମହିଳାମାନେ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ରାଧାରମଣପଡ଼ା ବସ୍ତିରେ ଯୋଗ୍ୟ ପ୍ରମାଣପତ୍ର ମିଳିଥିବା ବସିବାସିନ୍ଦାଙ୍କୁ ପଟ୍ଟା ପ୍ରଦାନ କରିବାକୁ ସେମାନେ ଦାବି କରିଥିଲେ। ଏଥିସହିତ ଦୀର୍ଘ ୪୨ ବର୍ଷ ଧରି ନୂଆ ବସ୍ ଟର୍ମିନାଲ ସ୍ଥାନରେ ରହି ଆସୁଥିବା ସୌଭାଗ୍ୟନଗର ମାଟିଆସାହିକୁ ବସ୍ତି ଘୋଷଣା କରିବାକୁ ମଧ୍ୟ ଦାବି କରିଥିଲେ।

## ଜବରଦଖଲ ଉଚ୍ଛେଦ, ହେବ ଅଙ୍ଗନୱାଡ଼ି କେନ୍ଦ୍ର

ଅନୁଗୋଳ,୧୮।୮(ଅମିତ କୁମାର ସାମଲ)

ଅନୁଗୋଳ ପୌରପାଳିକାର ୱାର୍ଡ ନଂ. ୧୮ରେ ଜବରଦଖଲରେ ଥିବା ସରକାରୀ ଜାଗାକୁ ପ୍ରଶାସନ ମୁକ୍ତ କରିଛି। ସେଠାରେ ଅଙ୍ଗନୱାଡ଼ି ଗୃହ ନିର୍ମାଣ କରାଯିବାକୁ ସ୍ଥାନୀୟ ଲୋକମାନେ ପ୍ରସ୍ତାବ ଦେଇଥିବାରୁ ସେଠାରେ ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ପ୍ରକାଶ ଯେ, ଉକ୍ତ ସରକାରୀ ଜାଗାରୁ ଜବରଦଖଲ ଉଚ୍ଛେଦ କରାଯାଇ ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ କରିବାକୁ ଲୋକମାନେ ପ୍ରସ୍ତାବ ଦେଇଥିଲେ। ଉକ୍ତ ପ୍ରସ୍ତାବରେ ପ୍ରଶାସନ ମୋହର ମାରିଥିଲା। କିନ୍ତୁ ଜଣେ କାଉନସିଲରଙ୍କ ମାମୁ ଉକ୍ତ ଜାଗା ତାଙ୍କ ନାମରେ ଥିବା ଦର୍ଶାଇଥିଲେ। ଏପରି କି ପୌର କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ ଓ କାର୍ଯ୍ୟାଦେଶ ପାଇଥିବା ଠିକାଦାରଙ୍କୁ ସମ୍ପୃକ୍ତ ବ୍ୟକ୍ତି ବିରୋଧ କରିଥିଲେ। ତେବେ ସେଠାରେ ଥିବା ମିଶନ ଶକ୍ତିର ମହିଳାମାନେ ରୁଣ୍ଡ ହୋଇ ବିରୋଧ କରିବାରୁ ସମ୍ପୃକ୍ତ ବ୍ୟକ୍ତି ଜାଗା ଛାଡ଼ି ପଳାଇ ଯାଇଥିଲେ। ଏ ନେଇ ପୌରପାଳିକା ପକ୍ଷରୁ କୁହାଯାଇଛି, ଉକ୍ତ ସରକାରୀ ଜାଗାରେ ଅଙ୍ଗନୱାଡ଼ି କରିବାକୁ ସ୍ଥାନୀୟ ଲୋକ ଦାବି କରୁଥିଲେ। ତେଣୁ ସେଠାରେ ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ କରାଯିବ। ଏ ନେଇ ଟେଣ୍ଡର କରାଯାଇ କାର୍ଯ୍ୟାଦେଶ ଦିଆଯାଇଛି।



ଅଙ୍ଗନୱାଡ଼ି କେନ୍ଦ୍ର କରିବାକୁ ଦାବି କରୁଥିବା ଅଞ୍ଚଳବାସୀ।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



ଦାବିପତ୍ର ପ୍ରଦାନ ପାଇଁ ଆସିଥିବା ସରପଞ୍ଚ ସଂଘ କର୍ମକର୍ତ୍ତାମାନେ।

ଅନୁଗୋଳ,୧୮।୮(ଅମିତ କୁମାର ସାମଲ)

ଅନୁଗୋଳ ବ୍ଲକ ସରପଞ୍ଚ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ୧୦ ଦଫା ଦାବି ନେଇ ଜିଲା ପ୍ରଶାସନକୁ ଏହି ଦାବିପତ୍ର ପ୍ରଦାନ କରାଯାଇଛି। ସରପଞ୍ଚମାନଙ୍କୁ ଆର୍ଥିକ କ୍ଷମତା ସହ ଅଧିକାର ପ୍ରଦାନ କରାଯାଉ। ମାସିକ ବୈଠକ ଭତ୍ତା ବାବଦକୁ ୨୦ ହଜାର ଟଙ୍କା ପ୍ରଦାନ କରାଯାଉ। ଅନାସ୍ଥା ପ୍ରସ୍ତାବକୁ ଉଚ୍ଛେଦ କରିବା ସହ କାର୍ଯ୍ୟକାଳ ସରିବା ପରେ ମାସିକ ପେନ୍‌ସନ୍ ଲାଗୁ କରାଯାଉ। ସରପଞ୍ଚଙ୍କ ମେଡିକାଲ ବୀମା ଓ ଆକସ୍ମିକ ଦୁର୍ଘଟଣା ବାବଦରେ ୧୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଉ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଆସୁଥିବା ଅର୍ଥ ସରପଞ୍ଚଙ୍କୁ ପ୍ରଦାନ କରାଯାଉ। ପଞ୍ଚାୟତର ସମସ୍ତ କାର୍ଯ୍ୟର ବିଲ୍ ୭ ଦିନ ମଧ୍ୟରେ ପ୍ରଦାନ କରାଯିବା ସହ ସମସ୍ତ କାର୍ଯ୍ୟ ସରପଞ୍ଚଙ୍କ ଅଧିନରେ କରାଯିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏଥିସହ ପଞ୍ଚାୟତର କନିଷ୍ଠ ଯନ୍ତ୍ରୀ, ନିର୍ବାହୀ ଅଧିକାରୀ ଓ ଜିଆର୍‌ଏସ୍ ସରପଞ୍ଚଙ୍କ ସହ ସମନ୍ୱୟ ରଖି ପଞ୍ଚାୟତର ସମସ୍ତ ଉନ୍ନୟନ କାର୍ଯ୍ୟ କରିବାକୁ ଦାବି କରାଯାଇଛି। ସଂଘ ସଭାପତି ଜ୍ୟୋତିର୍ମୟୀ ଦେହୁରୀ, ସୁମିତା ସାହୁ, ଚନ୍ଦନ ସାହୁ, ସୁଜାତା ସାହୁ ପ୍ରମୁଖ ଏହି ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

# କଟକ ସ୍ପୋର୍ଟସ ହଷ୍ଟେଲ ଚାମ୍ପିୟନ

ଅନୁଗୋଳ,୧୮।୮(ଅମିତ କୁମାର ସାମଲ)

**ଓପି ଜିନ୍ଦଲ ଅନୁଗୋଳ କପ୍ ଫୁଟବଲ**

ଅନୁଗୋଳ ପିଟିସି ଖେଳ ପଡ଼ିଆରେ ଚାଲିଥିବା ଓପି ଜିନ୍ଦଲ ଅନୁଗୋଳ କପ୍ ଫୁଟବଲ ଟୁର୍ନାମେଣ୍ଟରେ ଆଠମଲ୍ଲିକକୁ ୨-୦ ଗୋଲରେ ହରାଇ କଟକ ସ୍ପୋର୍ଟ୍ସ ହଷ୍ଟେଲ ଚାମ୍ପିୟନ ହୋଇଛି। ଅନୁଗୋଳ ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ୪୦ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରିଥିଲେ। ସେହିପରି ରନର୍ସଅପ ଆଠମଲ୍ଲିକ ଦଳକୁ ୨୫ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା। କଟକ ଦଳର ଜଗନ୍ନାଥ ଟୁଡୁଙ୍କୁ ଫାଇନାଲର ଶ୍ରେଷ୍ଠ ଖେଳାଳି, ଆଠମଲ୍ଲିକର ଅନ୍ତର୍ଯ୍ୟାମୀ ନାୟକଙ୍କୁ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଓ କଟକର ସଞ୍ଜୟ ହେମ୍ବ୍ରମଙ୍କୁ ଶ୍ରେଷ୍ଠ ଗୋଲକିପର ଭାବେ ପୁରସ୍କୃତ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ଜେଏସ୍‌ପି ନିର୍ବାହୀ ନିର୍ଦ୍ଦେଶକ ହୃଦୟେଶ୍ୱର ଝା, ସିଏସ୍‌ଆର୍ ଜିଏମ୍ ଆଶୁତୋଷ ମିଶ୍ର, ନିରାପତ୍ତା ଅଧିକାରୀ ଡି.ବି. ପାଣଙ୍କ ସମେତ ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସୀଠ, ଜିଲା କ୍ରୀଡ଼ା ସଂସଦ ସମ୍ପାଦକ ଡା. ଗୌର ଗୋବିନ୍ଦ ସାମନ୍ତ, ତାଳଚେର କ୍ରୀଡ଼ା ସଂସଦ ସମ୍ପାଦକ ପେସ୍କାର ଗଡ଼ନାୟକ, ଆଠମଲ୍ଲିକ କ୍ରୀଡ଼ା ସଂସଦ ସମ୍ପାଦକ ରଞ୍ଜନ ମହାକୁଡ, ପୂର୍ବତନ ନଗରପାଳ ପୂର୍ଣ୍ଣଚନ୍ଦ୍ର ରାଉତ, ବରିଷ୍ଠ ସଦସ୍ୟ କିଶୋର କର, ପ୍ରଦୀପ ଦେବତା, ପ୍ରଦୀପ ରାଉତ, ଆର୍‌ଆଇ ଟିଗା ପ୍ରମୁଖ ଉପସ୍ଥିତ ଥିଲେ। ଶିବ ଶଙ୍କର ପଣ୍ଡା ଖେଳ ପରିଚାଳନା କରିଥିଲେ। ଭୋଳେଶ୍ୱର ଗାଗାରାଇ, ଧନେଶର ସର୍ଦ୍ଦାର, ବସନ୍ତ କୁମାର ଦାସ ସହଯୋଗ କରିଥିଲେ।




ଚାମ୍ପିୟନ ଦଳକୁ ଅତିଥି ଟ୍ରଫି ପ୍ରଦାନ କରୁଛନ୍ତି।

## ଅବକାରୀ ଚଢ଼ାଉ, ୫ ଗିରଫ

ବଇଣ୍ଡା,(ପରିକ୍ଷିତ ସାହୁ): ଆଠମଲ୍ଲିକ ଓ ବଇଣ୍ଡା ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର ହଣ୍ଡପା ଓ କିଶୋରନଗର ଥାନା ଅଞ୍ଚଳର ବିଭିନ୍ନ ଗ୍ରାମରେ ଚଢ଼ାଉ କରାଯାଇ ୧୩୨ ଲିଟର ଚୋରା ମହୁଲି ମଦ ଜବତ କରାଯାଇଛି। ଏହି ଘଟଣାରେ ହଣ୍ଡପା ଥାନା କଦଳୀମୁଣ୍ଡା ଗ୍ରାମର ଗଣେଶ ପ୍ରଧାନ, କଣ୍ଟେଇକୋଳିଆ ଗ୍ରାମର ସୁରେନ୍ଦ୍ର ମହାକୁଡ଼, ଶ୍ରୀକର ବେହେରା, କିଶୋରନଗର ଥାନା ଫୁଲଝରି ଗ୍ରାମର ଦୁଃଖୀ ମିର୍ଦ୍ଧା, ବନମାଳି ମିର୍ଦ୍ଧାଙ୍କୁ ଗିରଫ କରାଯାଇଛି।

**ସଂକ୍ଷେପରେ**

## ସ୍ତ୍ରୀଙ୍କୁ ହତ୍ୟା ଉଦ୍ୟମ, ସ୍ୱାମୀ ଗିରଫ

ବଇଣ୍ଡା,୧୮।୮(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ହଣ୍ଡପା ଥାନା ଅଶ୍ଚୁବାହାଳ ଗ୍ରାମର କ୍ଷୀର ପ୍ରଧାନଙ୍କୁ ସ୍ୱାମୀ ପୀତବାସ ପ୍ରଧାନ ଦେଶୀ ବନ୍ଧୁକରେ ହତ୍ୟା ଉଦ୍ୟମ କରିଥିବା ଶୁକ୍ରବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ. ୨୩୩/୨୩ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ପୀତବାସଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ଦେଶୀ ବନ୍ଧୁକ ଜବତ କରିଛି। ପୋଲିସ କହିଛି, ଦମ୍ପତିଙ୍କ ମଧ୍ୟରେ ଗୁରୁବାର ରାତିରେ ପାରିବାରିକ ଘଟଣାକୁ ନେଇ ଝଗଡା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ପୀତବାସ ଚୁଲିରେ ଜଳୁଥିବା କାଠ ସାହାଯ୍ୟରେ ସ୍ତ୍ରୀଙ୍କୁ ଆକ୍ରମଣ କରିବା ସହ ଦେଶୀ ବନ୍ଧୁକ ଆଣି ମୁଣ୍ଡରେ ଲଗାଇ ହତ୍ୟା ଉଦ୍ୟମ କରିଥିଲେ। ବଇଣ୍ଡା ମେଡିକାଲରେ ଚିକିତ୍ସା ହେବା ପରେ କ୍ଷୀର ଥାନାରେ ଅଭିଯୋଗ କରିଥିବା ହଣ୍ଡପା ଆଇଆଇସି ନମିତା ନାୟକ କହିଛନ୍ତି।

# ଜନଜାତି ବେଶ ପୋଷାକର ନିଜସ୍ୱ ପରିଚୟ ରହିଛି

ଅନୁଗୋଳ, ୧୮।୮ (ଅମିତ କୁମାର ସାମଲ)


ଉଦ୍‌ଘାଟନୀ ମଞ୍ଚରେ କେନ୍ଦ୍ରମନ୍ତ୍ରୀ ଓ ଅନ୍ୟମାନେ।

ଅନୁଗୋଳ ଜନଜାତି ସମାଜ ଆମ ସଭ୍ୟତାର ମୂଳ ସମାଜ। ଏହାର କଳା, ସଂସ୍କୃତି, ସଂସ୍କାର, ଚାଲିଚଳଣି, ପରମ୍ପରା, ନୃତ୍ୟ, ସଙ୍ଗୀତ, ଖାଦ୍ୟପେୟ, ବେଶ ପୋଷାକର ନିଜସ୍ୱ ପରିଚୟ ରହିଛି ବୋଲି ଶୁକ୍ରବାର ଅନୁଗୋଳ ଜିଲାର ନାଲ୍‌କୋ ନଗର ଠାରେ 'ପରିଚୟ : ଜାତୀୟ ଜନଜାତି ମହୋତ୍ସବ'କୁ ଉଦ୍‌ଘାଟନ କରି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି।

ପରିଚୟ ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ଏହି ମହୋତ୍ସବରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ୬୨ଟି ଜନଜାତି ସମୁଦାୟ, ୨୧ ଜନଜାତି ଭାଷା, ୭୪ ଉପଭାଷା ଓ ୭ ଜନଜାତୀୟ ଲିପିର ଗୌରବ ହାସଲ କରିବାରେ ଓଡ଼ିଶା ହେଉଛି ସାରା ବିଶ୍ୱରେ ଏକ ଅନ୍ୟତମ ରାଜ୍ୟ। ଆଦିବାସୀ ସମାଜ ସରଳ, ନିଷ୍କପଟ। ଓଡ଼ିଶାର ଜନଜାତି ସମାଜର ଝିଅ ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ପଦବୀରେ ଅଭିଷିକ୍ତ ହୋଇ ବିଶ୍ୱର ଗୌରବ ବଢାଉଛନ୍ତି। ଗତ ୧୭ ତାରିଖରେ ଜନଜାତି ସମାଜର ବହୁ ପୁରାତନ ଭାଷା 'କୁଇ' ଓ 'ଦେଶିଆ' ଭାଷାରେ ପିଲାମାନଙ୍କ ପାଇଁ ବର୍ଣ୍ଣମାଳା ଆଧାରିତ ଭାଷା ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ଜନଜାତି ସମାଜର ପରିଶ୍ରମରେ ନାଲ୍‌କୋର ଅର୍ଥନୀତି ଚାଲେ। ନାଲ୍‌କୋକୁ ସେମାନଙ୍କ ଦାୟିତ୍ୱ ନେବା ପାଇଁ ପ୍ରଧାନ ପରାମର୍ଶ ଦେବା ସହ ଜାତୀୟ ଜନଜାତି ମହୋତ୍ସବର ସଫଳତା କାମନା କରିଛନ୍ତି। ଏହି ଅବସରରେ ଜନଜାତି ଭାଇ ଭଉଣୀଙ୍କ ଦ୍ୱାରା କେନ୍ଦ୍ରମନ୍ତ୍ରୀଙ୍କୁ ପାରମ୍ପରିକ ଶୈଳୀରେ ଭବ୍ୟ ସ୍ୱାଗତ କରାଯାଇଥିଲା। ଅନ୍ୟତମ ଅତିଥି ଭାବେ ବରିଷ୍ଠ ଭାଜପା ନେତା ରୁଦ୍ରନାରାୟଣ ପାଣି, ନାଲ୍‌କୋ ନିର୍ବାହୀ ନିର୍ଦ୍ଦେଶକ ଅମୀୟ କୁମାର ସ୍ୱାଇଁ, ଝାଡ଼ଖଣ୍ଡର ସାମାଜିକ କର୍ମୀ ଇନ୍ଦ୍ରଜିତ ଲାକ୍ରା, ସୁନ୍ଦରଗଡ଼ ସାମାଜିକ କର୍ମୀ ପଦ୍ମିନୀ ଟପୋ ଯୋଗ ଦେଇଥିଲେ। ଏହି ମେଳା ଆସନ୍ତା ୨୮ତାରିଖ ଯାଏ ଚାଲିବ।

## ଶୈଳଶ୍ରୀକ୍ଷେତ୍ର ଉନ୍ନୟନ ପାଇଁ ପୁଣି ମିଳିଲା ଅନୁଦାନ

ଅନୁଗୋଳ, ୧୮।୮ (ଅମିତ କୁମାର ସାମଲ)

ଅନୁଗୋଳ ଜିଲାର ଧର୍ମାନୁଷ୍ଠାନଗୁଡ଼ିକର ଉନ୍ନୟନ ପାଇଁ ୪ କୋଟି ୯୪ ଲକ୍ଷ ୫୯ ହଜାର ଟଙ୍କା ସରକାର ମଞ୍ଜୁର କରିଥିବା ବେଳେ ଶୈଳଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର ଓ ମା ବୁଢ଼ୀ ମନ୍ଦିର ଉନ୍ନୟନ ପାଇଁ ୨୨ ଲକ୍ଷ ୮୦ ହଜାର ଟଙ୍କା ମଞ୍ଜୁର ହୋଇଥିଲା। କିନ୍ତୁ ଶୈଳଶ୍ରୀକ୍ଷେତ୍ର ଓ ମା' ବୁଢ଼ୀ ମନ୍ଦିର ଉନ୍ନୟନ ପାଇଁ ଉକ୍ତ ଅର୍ଥ ପର୍ଯ୍ୟାପ୍ତ ହେବ ନାହିଁ ବୋଲି ଅନୁଗୋଳ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସରକାରଙ୍କୁ ଜଣାଇବା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ଜିଲାପାଳଙ୍କ ଅନୁରୋଧ ରକ୍ଷା କରାଯାଇ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ଆଉ ୫୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଏଥିରେ ଜଗନ୍ନାଥ ମନ୍ଦିର ଓ ମା' ବୁଢ଼ୀ ମନ୍ଦିର ମରାମତି, ଯାତ୍ରୀ ବିଶ୍ରାମାଗାର, ଉନ୍ନତୀକରଣ କାର୍ଯ୍ୟ କରାଯିବ। ଜିଲାପାଳଙ୍କ ଏହି ଉଦ୍ୟମ ଯୋଗୁ ତାଙ୍କୁ ବିଭିନ୍ନ ମହଲରୁ ଧନ୍ୟବାଦ୍ ଜଣାଯାଇଛି।

# ସ୍ୱାଧୀନତା ସଂଗ୍ରାମୀଙ୍କୁ ସମ୍ବର୍ଦ୍ଧନା

ବଇଣ୍ଡା,୧୮।୮(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ଜାମୁନାଳୀ ପଞ୍ଚାୟତ ବାଦୀବାହାଳ ଗ୍ରାମର ସ୍ୱାଧୀନତା ସଂଗ୍ରାମୀ ବୃନ୍ଦାବନ ପ୍ରଧାନ (୯୭ )ଙ୍କୁ ମଙ୍ଗଳବାର ବଇଣ୍ଡା ବଜାର କମିଟି ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ତାଙ୍କ ବାସଭବନ ଠାରେ କମିଟିର ଏକ ପ୍ରତିନିଧି ମଣ୍ଡଳୀ ଲକ୍ଷ୍ମୀଧର ବେହେରା, ଅରବିନ୍ଦ ସାହୁ, ଗିରିଶଚନ୍ଦ୍ର ବେହେରା, ଉଗ୍ରେସନ ସେଠୀ, ଅନିଲ ସାହୁ, ଖୁକୁନା ମହାପାତ୍ର, ଶୁଭେନ୍ଦୁ ମୋହନ ସାହୁ, ପ୍ରଶାନ୍ତ ସାହୁ ମାନପତ୍ର ଦେଇ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ।


ସମ୍ବର୍ଦ୍ଧନା ସଭାରେ ସ୍ୱାଧୀନତା ସଂଗ୍ରାମୀ ଓ ଅନ୍ୟମାନେ।

# ନୂଆ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ

ତାଳଚେର,୧୮।୮(ମନୋଜ ନନ୍ଦ)

ତାଳଚେର ବ୍ଲକ ହେଁସମୂଳ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ୩୧ ଜଣ ନୂତନ ହିତାଧିକାରୀଙ୍କୁ ବିଧାୟକ ବ୍ରଜକିଶୋର ପ୍ରଧାନ ଭତ୍ତା ବଣ୍ଟନ କରିଛନ୍ତି। ମଧୁବାବୁ ପେନ୍‌ସନ ଯୋଜନାରେ ବାର୍ଦ୍ଧକ୍ୟ, ବିଧବା, ଦିବ୍ୟାଙ୍ଗ, ଅବିବାହିତ ମହିଳା ଏବଂ ଅସହାୟ ମହିଳାଙ୍କୁ ଭତ୍ତା ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଧାୟକଙ୍କ ସମେତ ବିଡିଓ ଚିନ୍ମୟୀ ଚେତନା ଦାସ, ବ୍ଲକ ଅଧ୍ୟକ୍ଷା ହେମଲତା ମହାନ୍ତି, ସରପଞ୍ଚ ସୁମିତ୍ରା ସାହୁ, ସମିତିସଭ୍ୟ ସୌଭାଗ୍ୟ ଚନ୍ଦ୍ର ପ୍ରଧାନ, ବ୍ଲକ ସମ୍ପ୍ରସାରଣ ଅଧିକାରୀ ବିଳାସିନୀ ନାଏକ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଗୀତାଞ୍ଜଳି ନାୟକ, ସାମାଜିକ କର୍ମୀ ସଞ୍ଜୟ ଜାଲ, ପଞ୍ଚାୟତ ବିଜେଡି ସଭାପତି ପର୍ଶୁରାମ ସାହୁ, ନାଏବ ସରପଞ୍ଚ ଦିବେଶ ପ୍ରଧାନ, ସଞ୍ଜୀବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


ଭତ୍ତା ବଣ୍ଟନ କାର୍ଯ୍ୟକ୍ରମରେ ବିଧାୟକଙ୍କ ସହିତ ଅନ୍ୟମାନେ।

# ନୂତନ ଶ୍ରେଣୀ କକ୍ଷ ଉଦ୍‌ଘାଟନ


ନୂତନ ଶ୍ରେଣୀଗୃହକୁ ବିଧାୟକ ଉଦ୍‌ଘାଟନ କରୁଛନ୍ତି।

ଛେଣ୍ଡିପଦା,୧୮।୮(ଅଜିତ ଧଳ)

ଛେଣ୍ଡିପଦା ବ୍ଲକ ବାପୁଜୀ ମହାବିଦ୍ୟାଳୟର ନୂତନ ଶ୍ରେଣୀ ଗୃହ ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ଅମିତ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ସୁଶାନ୍ତ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଦସ୍ୟ ପ୍ରଦୀପ କୁମାର ସାହୁ ପ୍ରମୁଖ ଯୋଗଦେଇ ପ୍ରଥମେ ମହାବିଦ୍ୟାଳୟର ପ୍ରତିଷ୍ଠାତା ବାଳକୃଷ୍ଣ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହାପରେ ଅତିଥିମାନେ ନୂତନ ଶ୍ରେଣୀ ଗୃହକୁ ଉଦ୍‌ଘାଟନ କରିଥିଲେ। ସେହିପରି ମହାବିଦ୍ୟାଳୟ ପରିସରରେ ନିର୍ମିତ ଯୁକ୍ତ ୨ ବିଦ୍ୟାଳୟର କାର୍ଯ୍ୟ ବୁଲି ଦେଖିଥିଲେ। ମହାବିଦ୍ୟାଳୟ ସମସ୍ୟା ସମାଧାନ ପାଇଁ ତୁରନ୍ତ ପରିଚାଳନା କମିଟି ବୈଠକ ଡାକିବା ପାଇଁ ଅଧ୍ୟକ୍ଷଙ୍କୁ ପରାମର୍ଶ ଦେଇଥିଲେ। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ସଭାପତି ବାମାକାନ୍ତ ଗଡ଼ନାୟକ, ପ୍ରାଧ୍ୟାପକ ପ୍ରଦୀପ କୁମାର କର, ପ୍ରାଧ୍ୟାପକ ସତ୍ୟନାରାୟଣ ପ୍ରସାଦ, ପ୍ରାଧ୍ୟାପକ ଚନ୍ଦ୍ରଶେଖର ପଟ୍ଟନାୟକଙ୍କ ସମେତ ସମସ୍ତ ଅଧ୍ୟାପିକା, ଅଧ୍ୟାପକଙ୍କ ସମେତ କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ଅମ୍ଳାନ ଓ ତନ୍ମୟଙ୍କୁ ସମ୍ବର୍ଦ୍ଧନା

ଅନୁଗୋଳ,୧୮।୮(ଅମିତ କୁମାର ସାମଲ)

କୋଲକାତା ଠାରେ ଗତ ୧୧ରୁ ୧୪ ତାରିଖ ଯାଏ ଅନୁଷ୍ଠିତ ହୋଇଥିବା ଇଷ୍ଟ ଜୋନ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଅନୁଗୋଳର ଅମ୍ଳାନ କେଶରୀ ଗଡ଼ନାୟକ ଓ ତନ୍ମୟ କୁମାର ସାହୁଙ୍କୁ ସଫଳତା ମିଳିଛି। ପୁରୁଷ ଯୁଗଳ ପ୍ରତିଯୋଗିତାରେ ଅମ୍ଳାନ ଓ ତନ୍ମୟଙ୍କ ଯୋଡ଼ି ଦ୍ୱିତୀୟ ସ୍ଥାନ ଅର୍ଜନ କରିଛନ୍ତି। ସମ୍ପୃକ୍ତ ୨ ସଫଳ ଖେଳାଳି ଅନୁଗୋଳ ଫେରିବା ପରେ ଶୁକ୍ରବାର ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସେମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ଅନୁଗୋଳ ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଠ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଅନୁଗୋଳ ବ୍ୟାଡମିଣ୍ଟନ ଆସୋସିଏଶନ ଏବଂ ଇନ୍‌ଡୋର ଖେଳାଳିମାନେ ମଧ୍ୟ ଅମ୍ଳାନ ଓ ତନ୍ମୟଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ।


ବ୍ୟାଡ୍‌ମିଣ୍ଟନରେ ସଫଳତା ପାଇଥିବା ଅମ୍ଳାନ ଓ ତନ୍ମୟଙ୍କୁ ଜିଲାପାଳ ସମ୍ବର୍ଦ୍ଧିତ କରୁଛନ୍ତି।

# ଲୋକଙ୍କୁ ନ୍ୟାୟ ପ୍ରଦାନ ପାଇଁ ଶପଥ

ଛେଣ୍ଡିପଦା,୧୮।୮(ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଅଞ୍ଚଳରେ ଥିବା ବାଗଡିଆ, ଛେଣ୍ଡିପଦା, ଜରପଡା ଓ ନିଶା ଶିଳ୍ପାଞ୍ଚଳ ଥାନା ପକ୍ଷରୁ ଶୁକ୍ରବାର ସଦ୍‌ଭାବନା ଦିବସ ପାଳିତ ହୋଇଯାଇଛି। ବାଗଡିଆ ଥାନା ଅଧିକାରୀ ବିପ୍ଳବ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଦିବସରେ ଥାନାର ସମସ୍ତ କର୍ମଚାରୀ ଜାତି, ଧର୍ମ ବର୍ଣ୍ଣ ନିର୍ବିଶେଷରେ ଏକତା ପାଇଁ କର୍ଯ୍ୟ କରିବା, ସମ୍ବିଧାନର ନିୟମ ଅନୁସାରେ ଲୋକମାନଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ ଶପଥ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ବାଗଡିଆ ଥାନା ଏସ୍‌ଆଇ କାଳନ୍ଦୀ ରାଉତ, ଏଏସ୍‌ଆଇ ଗୋଲକ ସେଠୀ, ଅଜୟ ସ୍ୱାଇଁ, ଯାଜ୍ଞସେନୀ ସାହୁ, ମାଧବ ନାୟକଙ୍କ ସହ ଥାନାର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ସେହିପରି ଛେଣ୍ଡିପଦା, ନିଶା ଶିଳ୍ପାଞ୍ଚଳ ଓ ଜରପଡା ଥାନାରେ ସଦ୍‌ଭାବନା ଦିବସରେ କର୍ମଚାରୀମାନେ ଶପଥ ନେଇଥିଲେ।


ବାଗଡ଼ିଆ ଥାନା କର୍ମଚାରୀମାନେ ଶପଥ ନେଉଛନ୍ତି।

# ସ୍କୁଟର ଯୋଜନା ଉପରେ ଆଲୋଚନା



ସଚେତନତା ବୈଠକରେ ଉପସ୍ଥିତ ଲୋକ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀମାନେ।

କଣିହାଁ,୧୮।୮(ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ ପବିତ୍ରମୋହନ ସଭାଗୃହରେ ଶୁକ୍ରବାର ମିଶନ ଶକ୍ତି ଦ୍ୱାରା ରାଜ୍ୟ ସରକାରଙ୍କ ସ୍କୁଟର ଯୋଜନାକୁ ନେଇ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ, ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଲ, ଏମ୍‌ପିଙ୍କ ପ୍ରତିନିଧି ନିର୍ମଳ ସାହୁ, ଜିଲାପରିଷଦ ସଦସ୍ୟ ରଞ୍ଜନ ସାହୁ, ରଶ୍ମିତା ସେଠୀ, ରଶ୍ମିତା ବେହେରା, ବ୍ଲକ ଅଧକ୍ଷ ରାମକୃଷ୍ଣ ପ୍ରଧାନ, ବ୍ଲକ ଉପାଧକ୍ଷା ଜୟନ୍ତୀ ପ୍ରଧାନ, ମିଶନ ଶକ୍ତି ଅଧିକାରୀ ବିଶ୍ୱଭୂଷଣ କର, ବିଡିଓ ଦେବଦତ୍ତ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ମିଶନ ଶକ୍ତି ଯୋଜନାରେ ସିଆର୍‌ପି, ଏମ୍‌ବିକେ, ପ୍ରାଣୀମିତ୍ର, କୃଷି ମିତ୍ର, ଉଦ୍ୟୋଗୀ ମିତ୍ରଙ୍କ ସହିତ ବ୍ଲକ ଓ ପଞ୍ଚାୟତ ମହାସଂଘର କାର୍ଯ୍ୟ କରୁଥିବା ମହିଳାଙ୍କୁ ବିନା ସୁଧରେ ୧ ଲକ୍ଷ ଟଙ୍କା ଋଣରେ ସ୍କୁଟର ଯୋଗାଇ ଦିଆଯିବ। ଏହାଦ୍ୱାରା ମହିଳାମାନେ କର୍ମମୟ ଜୀବନରେ ସେବା ଯୋଗାଇବା ସହିତ ଅନ୍ୟମାନଙ୍କୁ ସହାୟକ ହେବେ ବୋଲି ଉପସ୍ଥିତ ଅତିଥି ମତବ୍ୟକ୍ତ କରିଥିଲେ। ଏଥିରେ ମଶିନଶକ୍ତିର ବହୁ ମହିଳା ଉପସ୍ଥିତ ଥିଲେ।

# 'ବିଜ୍ଞାନ ବଳରେ ଦେଶ ଆଗଉଛି'

ବଇଣ୍ଡା,୧୮।୮(ପରିକ୍ଷିତ ସାହୁ)

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଶିଶୁ ମନ୍ଦିର ପରିସରରେ ବୁଧବାର ସଙ୍କୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିବା ସହ ବିଜ୍ଞାନ ଦ୍ୱାରା ଦେଶ ଆଗଉଛି ବୋଲି ମତପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଭାବେ ସଙ୍କୁଳ ପ୍ରମୁଖ ସଚ୍ଚିଦାନନ୍ଦ ସାହୁ, କୃତ୍ତିବାସପୁର ହାଇସ୍କୁଲ ପ୍ରଧାନ ଶିକ୍ଷକ ସୁବାସଚନ୍ଦ୍ର ପ୍ରଧାନ, ପରିଚାଳନା କମିଟି ସଭାପତି ଦିବାକର ପ୍ରଧାନ, ବିଦ୍ୟାଳୟ ସମ୍ପାଦକ ସୁଦର୍ଶନ ବେହେରା, ବଇଣ୍ଡା ଶିଶୁମନ୍ଦିରର ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ର ନାଥ ଜେନା ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ବଇଣ୍ଡା, ନାକିଚି, ରଣିଆକଟା, ବାମୁର, ଠାକୁରଗଡ଼, ପାଇକସାହି, ମାଧପୁର, ଅନ୍ତୁଳିଆ, ଆଠମଲ୍ଲିକ ୯ଟି ଶିଶୁମନ୍ଦିରର ୫୬ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ଏଥିସହ ପ୍ରଶ୍ନ ମଞ୍ଚ ଅନୁଷ୍ଠିତ ହୋଇଥିଲା। ଶେଷରେ କୃତୀ ପ୍ରକଳ୍ପକୁ ଠାକୁରଗଡ଼ ସ୍ୱାସ୍ଥ୍ୟକେନ୍ଦ୍ରର ଡ. ଅମିୟ ମହାନନ୍ଦ ଯୋଗଦେଇ ପୁରସ୍କାର ବଣ୍ଟନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଅକ୍ଷୟ ସାହୁ ପରିଚାଳନା କରିଥିଲେ। ରୁଦ୍ରମୋହନ ହୋତା, ଅଗସ୍ତି ସାହୁ, କୋଦଣ୍ଡଧର ପ୍ରଧାନ, ବଇଣ୍ଡା ଶିଶୁମନ୍ଦିରର ସହ ପ୍ରଧାନ ଆଚାର୍ଯ୍ୟା ଜ୍ୟୋସ୍ନାମୟୀ ପ୍ରଧାନ, ଲିସାରାଣୀ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।


ଛାତ୍ରୀଛାତ୍ରମାନେ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି।

# ଅଧିକ ରକ୍ତ ସଂଗ୍ରହ ଉପରେ ଗୁରୁତ୍ୱ

ବଇଣ୍ଡା,୧୮।୮(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ବଇଣ୍ଡା କଲ୍ୟାଣ ମଣ୍ଡପ ପରିସରରେ ରବିବାର ମୋ ପରିବାର ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହେବ। ଏ ନେଇ ବିଜେଡି ପକ୍ଷରୁ ଗୁରୁବାର ନୁନୁକାପଶି ପଞ୍ଚାୟତ କାର୍ଯ୍ୟାଳୟଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଜେଡି ନେତା ତପନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବ୍ଲକ ବିଜେଡି ଯୁବ ସଭାପତି ଅରୁଣ ସାହୁ, ସରପଞ୍ଚଙ୍କ ପ୍ରତିନିଧି ମାନସ ରଞ୍ଜନ ସାହୁ, ପୂର୍ବତନ ବ୍ଲକ ଉପାଧକ୍ଷ ସୁନୀଲ ପ୍ରଧାନ, ବିଶ୍ୱ ଯୁବକେନ୍ଦ୍ର ନିର୍ଦ୍ଦେଶକ ମନୋଜ ମହାପାତ୍ର, ସନ୍ତୋଷ ପ୍ରଧାନ, ସତ୍ୟଜିତ୍ ସାହୁ, ତରଣୀସେନ ସାହୁ, କଳ୍ପତରୁ ସାହୁ, ସୁନୀଲ ବିଶ୍ୱାଳଙ୍କ ସମେତ ବହୁ ବିଜେଡି ନେତା ଯୋଗ ଦେଇଥିଲେ। କିଭଳି ଅଧିକ ୟୁନିଟ୍ ରକ୍ତ ସଂଗ୍ରହ ହୋଇପାରିବ ସେ ନେଇ ଆଲୋଚନା କରାଯାଇଥିଲା।


ବୈଠକରେ ଉପସ୍ଥିତ ବିଜେଡି କର୍ମୀମାନେ।

## ପୋଖରୀରେ ବୁଡ଼ି ମହିଳା ମୃତ

କଣିହାଁ,୧୮।୮(ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ ରେଙ୍ଗାଲି ପୋଲିସ ଶୁକ୍ରବାର ଅଗ୍ନିଶମ ବିଭାଗ ସହାୟତାରେ ପୋଖରୀରୁ ଜଣେ ମହିଳାଙ୍କ ମୃତଦେହ ଜବତ କରିଛି। ମୃତକ ହେଲେ ବଜ୍ରକୋଟ ଗ୍ରାମ ଉମଯୋଡି ସାହିର ସଉରୀ ବେହେରା (୫୮)। ଏ ନେଇ ନଂ. ୫/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପାଲଲହଡ଼ା ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ସଉରୀ କୌଣସି କାର୍ଯ୍ୟରେ ରେଙ୍ଗାଲି ଡ୍ୟାମ୍ ସାଇଟ୍ ଅଞ୍ଚଳକୁ ଯାଇଥିଲେ। ସେଠାରୁ ଫେରି ଗ୍ରାମ ପୋଖରୀରେ ଗାଧୋଇବା ସମୟରେ ଗଭୀର ପାଣିରେ ବୁଡି ଯାଇଥିଲେ। ଖବରପାଇ କଣିହାଁ ଅଗ୍ନିଶମ ବିଭାଗ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରିବାରେ ମୃତଦେହ ଉଦ୍ଧାର କରିଥିବା ଥାନା ଆଇଆଇସି ନରେଶ ଚନ୍ଦ୍ର ସାହୁ ଓ ଅଗ୍ନିଶମ ଅଧିକାରୀ ବ୍ରହ୍ମବର ମହାନ୍ତି ସୂଚନା ଦେଇଛନ୍ତି।

# ଅବସରପ୍ରାପ୍ତ ସେନା ଅଧିକାରୀଙ୍କୁ ସମ୍ବର୍ଦ୍ଧନା


କାର୍ଯ୍ୟକ୍ରମରେ ଅତିଥି, ଆୟୋଜକ ଓ ସମ୍ବର୍ଦ୍ଧିତ ହୋଇଥିବା ଅବସରପ୍ରାପ୍ତ ସେନା ଅଧିକାରୀ।

ଅନୁଗୋଳ,୧୮।୮ (ଅମିତ କୁମାର ସାମଲ)

ଅନୁଗୋଳ ଉପକଣ୍ଠ ଖଲାରୀ ଗ୍ରାମର ରାମେଶ୍ୱର ଯୁଥ କ୍ଲବ ଏବଂ ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ସ୍ୱାଧୀନତା ଦିବସ ଅବସରରେ ୪୦ ଜଣ ଅବସରପ୍ରାପ୍ତ ସେନା ଅଧିକାରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା କ୍ରିକେଟ ସଂଘ ସଭାପତି ପ୍ରତାପ ଚନ୍ଦ୍ର ପ୍ରଧାନ, ଖଲାରୀ ସରପଞ୍ଚ ସସ୍ମିତା ଗଡ଼ନାୟକ, ପୂର୍ବତନ ସରପଞ୍ଚ କନ୍ଦର୍ପ ମହାରଣା, ସାମାଜିକ କର୍ମୀ ଦିଲୀପ ପ୍ରଧାନ ଏବଂ ଦୁଃଖବନ୍ଧୁ ସାହୁ ପ୍ରମୁଖ ଯୋଗଦେଇ ଏହି ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଲିପିକା ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ୟୁଥ୍ କ୍ଲବ ସଭାପତି ଶୁଭ୍ରାଂଶୁ ଶେଖର ସାହୁ, ସମ୍ପାଦକ ସୁଶୀଲ କୁମାର ସାହୁ, ବିଭୀଷଣ ସାହୁ, ଅଭିଷେକ ସାହୁ, ପ୍ରଶାନ୍ତ ମହାକୁଡ଼, ରାକେଶ ରଞ୍ଜନ ସାହୁ, ଅଭିଜିତ ସାହୁ, ମାନସ ରଞ୍ଜନ ସାହୁ, ସୁରେନ ସେଠୀ, ସତ୍ୟବ୍ରତ ସାମଲ, ସମୀର ସାହୁ, ଦୁଷ୍ମନ୍ତ ସାହୁ ପ୍ରମୁଖ ସହଯୋଗ କରିଥିଲେ।

